ଚନ୍ଦ୍ରଭାଗା

ଗ୍ରନ୍ଥ ମନ୍ଦିର

Digitized by PPRACHIN, SOA

ଚନ୍ଦ୍ରଭାଗା

୰ କବିବର ରାୟ ରାଧାନାଥ ରାୟ ବାହାଦୂର କୃତ

ସମ୍ପାଦକ :

ଜଣେ ପ୍ରବୀଣ ଅଧ୍ୟାପକ

ପ୍ରକାଶକ —

ଶ୍ରୀ ଅଭିରାମ ମହାପାତ୍ର, ବି. ଏ.

ଗ୍ରନ୍ଥ ମନ୍ଦିର

କଟକ—୨ : ବ୍ରହ୍ମପୁର

ମୂଲ୍ୟ ଏକଟଙ୍କା ମାତ୍ର

Digitized by PPRACHIN, SOA

ଉପକ୍ରମ

କବିପରିଚୟ

କବିବର ରାଧାନାଥ ରାୟ ଓଡ଼ିଆସାହିତ୍ୟ କ୍ଷେତ୍ରରେ ଆଧୁନିକ ଯୁଗର ପ୍ରବର୍ତ୍ତକ ରୂପେ ପରିଚିତ । ସନ ୧୮୪୮ ମସିହା ସେପ୍ଟେମ୍ବର ୨୮ ତାରିଖ ଦିନ ତାହାଙ୍କର ଜନ୍ମ ହୋଇଥିଲା । ବାଲେଶ୍ୱର ଜିଲ୍ଲାର କେଦାରପୁର ଗ୍ରାମ ତାହାଙ୍କର ଜନ୍ମସ୍ଥାନ ।

ଷୋଳବର୍ଷ ବୟସରେ ରାଧାନାଥ ବାଲେଶ୍ୱର ଜିଲ୍ଲାସ୍କୁଲରୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଉଚ୍ଚ ଶିକ୍ଷା ଉଦ୍ଦେଶ୍ୟରେ କଲିକତା ଗଲେ । ମାତ୍ର ଅର୍ଥାଭାବ ଓ ଅସ୍ୱାସ୍ଥ୍ୟବଶତଃ କେ ମାସକ ମଧ୍ୟରେ ବାଲେଶ୍ୱର ଫେରି ଆସି ବାଲେଶ୍ୱର ଜିଲ୍ଲାସ୍କୁଲରେ ଶିକ୍ଷକ-ରୂପେ ନିଯୁକ୍ତ ହେଲେ ।

ରାଧାନାଥଙ୍କ ପିତା ସୁନ୍ଦର ନାରାୟଣ ପାରସୀ, ବଙ୍ଗଳା, ହିନ୍ଦୀ ଓ ସଂସ୍କୃତ ଭାଷାରେ ପଣ୍ଡିତ ଥିଲେ । ରାଧାନାଥଙ୍କୁ ସୁଶିକ୍ଷିତ କରିବା ସଙ୍ଗେ ସଙ୍ଗେ ତାଙ୍କର ଚରିତ୍ରଗଠନ ଦିଗରେ ସେ ବ୍ରତୀ ଥିଲେ । ପିତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ରାଧାନାଥ ନିଜ ଉଦ୍ୟମରେ ଏଲ୍. ଏ. (ଆଧୁନିକ ଆଇ. ଏ.) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହା ଛଡ଼ା ସେ ସଂସ୍କୃତ ସାହିତ୍ୟର ଅନୁଶୀଳନ ସଙ୍ଗେ ବି. ଏ. ପରୀକ୍ଷାର ପାଠ୍ୟ ମଧ୍ୟ ପଢ଼ୁଥିଲେ ।

Digitized by PPRACHIN, SOA

ବାଲେଶ୍ୱରରେ ପାଞ୍ଚବର୍ଷ ଶିକ୍ଷକତା କରିବା ପରେ ରାଧାନାଥ ପୁରୀ ଜିଲାସ୍କୁଲରେ ନିଯୁକ୍ତ ହେଲେ । ଏଠାରେ ମଧୁସୂଦନ ରାଓ ତାଙ୍କର ଅନ୍ୟତମ ଛାତ୍ର ଥିଲେ । ପରବର୍ତ୍ତୀ ଜୀବନରେ ମଧୁସୂଦନ ରାଧାନାଥଙ୍କର ସାହିତ୍ୟ ସାଧନାରେ ସହକର୍ମୀ ହୋଇଥିଲେ । ବାଲେଶ୍ୱର ଜିଲାସ୍କୁଲରେ ଥିବା ସମୟରେ ରାଧାନାଥ ବଙ୍ଗଳାରେ କବିତାବଳୀ ବୋଲି ଖଣ୍ଡିଏ କ୍ଷୁଦ୍ର କାବ୍ୟ ରଚନା କରିଥିଲେ । ସେ ପୁରୀ ଜିଲାସ୍କୁଲରେ କାର୍ଯ୍ୟ କରୁଥିବାସମୟରେ ଉକ୍ତ କବିତା-ବଳୀର ଦ୍ୱିତୀୟଭାଗ ରଚିତ ହୋଇଥିଲା ।

ବାଙ୍କୁଡ଼ା ଜିଲାସ୍କୁଲର ଅନ୍ୟତମ ଶିକ୍ଷକ ରୂପେ କେତେକ ମାସ କାର୍ଯ୍ୟ କରି ରାଧାନାଥ ଡେପୁଟି ଇନ୍‌ସ୍ପେକ୍ଟର ରୂପେ ବାଲେଶ୍ୱରକୁ ଆସିଲେ । ଏହି ସମୟରେ ବଙ୍ଗଳା କବିତାବଳୀର ଦ୍ୱିତୀୟ ଭାଗ ପ୍ରକାଶିତ ହେଲା । ଏହି ପୁସ୍ତକଟି ବଙ୍ଗ ଦେଶର ପତ୍ରପତ୍ରିକା ମାନଙ୍କରେ ବିଶେଷ ପ୍ରଶଂସା ଲାଭ କରିଥିଲା ।

ରାଧାନାଥ ବାଲେଶ୍ୱର ଜିଲାର ଡେପୁଟି ଇନ୍‌ସ୍ପେକ୍ଟର ଥିବା ସମୟରେ ମଧୁସୂଦନ ବାଲେଶ୍ୱର ଜିଲାସ୍କୁଲର ଶିକ୍ଷକ ହୋଇ ଆସିଲେ । ଉଭୟେ ମିଳି ଓଡ଼ିଆରେ 'କବିତାବଳୀ' ବୋଲି ଖଣ୍ଡିଏ ବହି ଲେଖିଲେ । ଏହି ବହିଟି ପାଠ୍ୟପୁସ୍ତକରୂପେ ଚଳିଲା ।

ପ୍ରାୟ ପାଞ୍ଚବର୍ଷ ଡେପୁଟି ଇନ୍‌ସ୍ପେକ୍ଟର କାର୍ଯ୍ୟକରି ରାଧାନାଥ ଓଡ଼ିଶାର ଜଏଣ୍ଟ୍ ଇନ୍‌ସ୍ପେକ୍ଟର ପଦକୁ ଉନ୍ନୀତ ହେଲେ । ଏହି ସମୟରେ ସେ ବଙ୍ଗଳାରେ 'ଲେଖାବଳୀ' କାବ୍ୟ ରଚନା କରିଥିଲେ । ତତ୍କାଳୀନ ସ୍କୁଲ ଇନ୍‌ସ୍ପେକ୍ଟର ଭୂଦେବ ମୁଖୋପାଧ୍ୟାୟ ଏହାକୁ ପାଠ କରି ପ୍ରୀତ ହେଲେ ଏବଂ ରାଧାନାଥଙ୍କ କବି ପ୍ରତିଭାର ପ୍ରଶଂସା କରି ବଙ୍ଗଳା ପରିବର୍ତ୍ତେ ଓଡ଼ିଆରେ କାବ୍ୟକବିତା ରଚନା କରିବାକୁ

Digitized by PPRACHIN, SOA

ଉପଦେଶ ଦେଲେ । ଏହାପରେ ରାଧାନାଥ ନିଜକୁ ଓଡ଼ିଆ ରଚନାରେ ସମ୍ପୂର୍ଣ୍ଣ ନିୟୋଜିତ କରିଥିଲେ ।

୧୯୦୩ ମସିହାରେ ରାଧାନାଥ ପେନ୍‌ସନ୍ ନେଇ କଟକରେ ଅବସ୍ଥାନ କଲେ । ଏଥିପୂର୍ବରୁ ଡେପୁଟି ଇନ୍‌ସ୍ପେକ୍ଟର ଓ ଜଏଣ୍ଟ୍ ଇନ୍‌ସ୍ପେକ୍ଟର ପଦରେ ଥାଇ ସେ ଓଡ଼ିଶାର ନାନାସ୍ଥାନ ଭ୍ରମଣ କରିଥିଲେ । ଚାକିରୀରେ ଥିବା ସମୟରେ ସେ ଛୁଟି ନେଇ ଭାରତର ଅନେକ ପ୍ରସିଦ୍ଧ ସ୍ଥାନ ପରିଦର୍ଶନ କରିଥିଲେ । କାର୍ଯ୍ୟରୁ ଅବସର ନେବା ପରେ ସେ ୧୯୦୮ ଖ୍ରୀଷ୍ଟାବ୍ଦରେ ଗଡ଼ଜାତ ଭ୍ରମଣ କରି ଉତ୍କଳର ପ୍ରାକୃତିକ ସୌନ୍ଦର୍ଯ୍ୟ ସହିତ ବିଶେଷ ପରିଚିତ ହୋଇ-ଥିଲେ ।

୧୯୦୮ ମସିହା ଅପ୍ରେଲ ୧୭ତାରିଖରେ ରାଧାନାଥ ଇହଧାମ ତ୍ୟାଗ କରିଥିଲେ । ସେ ଆଜନ୍ମ ରୁଗ୍‌ଣ ଥିଲେ । ଶ୍ୱାସ ରୋଗ ତାଙ୍କର ଆଜୀବନ ସହଚର ଥିଲା । ଶାରୀରିକ ଯନ୍ତ୍ରଣା ସଙ୍ଗେ ପାରିବାରିକ ଦୁଃଖ ତାଙ୍କ ଜୀବନକୁ ଦୁଃଖମୟ କରି ପକାଇଥିଲା । ତଥାପି ସେ ଓଡ଼ିଆ ସାହିତ୍ୟକୁ ଯେଉଁ ଦାନ ଦେଇ ଯାଇଅଛନ୍ତି ସେଥିନିମନ୍ତେ ଧନ୍ୟବାଦାର୍ହ । ତାଙ୍କର ପ୍ରଧାନ ରଚନାଗୁଡ଼ିକର ନାମ ନିମ୍ନରେ ଦିଆଗଲା ।

୧—ମେଘଦୂତ (କାଳିଦାସକୃତ ସଂସ୍କୃତ ଖଣ୍ଡକାବ୍ୟର ଅନୁବାଦ)
୨—ହଂସଦୂତ (ରୂପଗୋସ୍ୱାମୀକୃତ ସଂସ୍କୃତ ଖଣ୍ଡକାବ୍ୟର ଅନୁବାଦ)
୩—କେଦାରଗୌରୀ
୪—ଚନ୍ଦ୍ରଭାଗା
୫—ନନ୍ଦିକେଶ୍ୱରୀ
୬—ଉଷା
୭—ପାର୍ବତୀ (ଅସଂପୂର୍ଣ୍ଣ କାବ୍ୟ)

Digitized by PPRACHIN, SOA

୮— ଚିଲିକା
୯—ମହାଯାତ୍ରା (ଅସମ୍ପୂର୍ଣ୍ଣ ମହାକାବ୍ୟ)
୧୦—ଯଯାତି କେଶରୀ
୧୧—ଉର୍ବଶୀ (ଅସମ୍ପୂର୍ଣ୍ଣକାବ୍ୟ)
୧୨—ଦରବାର
୧୩—ଦଶରଥବିୟୋଗ

ରାଧାନାଥଙ୍କ ଚନ୍ଦ୍ରଭାଗାର ବିଷୟବସ୍ତୁ :—

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ପୁଷ୍ୟାଭିଷେକ ଉତ୍ସବ ଉପଲକ୍ଷେ ଉତ୍କଳର ଦେବଦେବୀମାନେ ଶ୍ରୀମନ୍ଦିରର ସିଂହଦ୍ୱାରରେ ଉପସ୍ଥିତ । ସମ୍ବଲପୁରରୁ ହରଚଣ୍ଡୀ ଠାକୁରାଣୀ, ବାଣପୁରରୁ ଭଗବତୀ, ଭୁବନେଶ୍ୱରରୁ ଭୁବନେଶ୍ୱରୀ, ରଣପୁରରୁ ମୈନାକଦୁର୍ଗା, ବାଙ୍କୀରୁ ଚର୍ଚ୍ଚିକା, ଦେବୀଦ୍ୱାରରୁ ଚଣ୍ଡିକା, କଟକରୁ କଟକଚଣ୍ଡୀ, ଝଙ୍କଡ଼ରୁ ଶାରଳା, କାକଟପୁରରୁ ମଙ୍ଗଳା, ଚିଲିକାସ୍ଥିତ ଦ୍ୱୀପରୁ କାଳୀଜାଈ ପ୍ରଭୃତି ଦେବୀମାନେ ସେଠାରେ ଉପସ୍ଥିତଥିଲେ । ସମୁଦ୍ରଗର୍ଭରୁ ଜାତ ଅପ୍ସରୀମାନେ ମଧ୍ୟ ସେମାନଙ୍କ ସଙ୍ଗେ ଆସିଥିଲେ । କୋଣାର୍କର ସୂର୍ଯ୍ୟଦେବତା ସିଂହଦ୍ୱାରରେ ଦଣ୍ଡାୟମାନ। ସର୍ବଶେଷରେ କନ୍ଦର୍ପ ଓ ତାଙ୍କ ପତ୍ନୀ ରତିଦେବୀ ସେଠାରେ ଉପସ୍ଥିତ ହେଲେ । ଏ ଦୁହିଙ୍କୁ ଦେଖିବାମାତେ ସିଂହଦ୍ୱାରର ଦ୍ୱାରପାଳଦ୍ୱୟ ବାଟ ଛାଡ଼ିଦେଲେ ଏବଂ ସମସ୍ତଙ୍କ ଶେଷରେ ଆସିଥିଲେହେଁ ଏ ଦୁହେଁ ମନ୍ଦିରରେ ପ୍ରଥମେ ପ୍ରବେଶକଲେ । ଏଥିରେ ସୂର୍ଯ୍ୟଦେବଙ୍କ ମନରେ ଅସୂୟା ଜାତହେଲା ।

ଅଭିଷେକ ଉତ୍ସବ ଶେଷହେଲା । ଦେବଦେବୀମାନେ ମନ୍ଦିରରୁ ସ୍ୱର୍ଗଦ୍ୱାର ଯାଇ ସେଠାରୁ ନିଜ ନିଜ ସ୍ଥାନକୁ ଯିବାକୁ ବାହାରିଲେ ।

Digitized by PPRACHIN, SOA

ଯିବାବେଳେ ସୂର୍ଯ୍ୟ କନ୍ଦର୍ପଙ୍କୁ କ୍ରୋଧରେ କହିଲେ, "ତୋର ଆସ୍ପର୍ଦ୍ଧା କମ୍ ନୁହେଁ । ସ୍ତ୍ରୈଣ ଲୋକଙ୍କର ମନ ଭୁଲାଇ ତୋର ଏଡ଼େ ଗର୍ବ । ଥରେ ତୁ ଶିବଙ୍କ କୋପାନଳରେ ଭସ୍ମ ହୋଇଥିଲୁ, ପୁଣି ଥରେ ଜଳିବାକୁ ତୋର ମନ ହେଉଛି କି ? ଜଗତରେ ସବୁ ଅନର୍ଥର ମୂଳ ହେଉଛୁ ତୁ । ଫୁଲର ଧନୁଶର ଧରି ବୀର ବୋଲାଉଛୁ ? ତୋ ପରି ନିର୍ଲଜ୍ଜ କିଏ ଅଛି ?"

କନ୍ଦର୍ପ ହସି ହସି ଉତ୍ତର କଲେ, "ଜଗତରେ ମୋର ପ୍ରଭାବରୁ କିଏ ମୁକ୍ତ ? ଦିନେ ମୁଁ ତୁମଦ୍ୱାରା ପ୍ରମାଣ କରାଇ ଦେବି ଯେ ତୁମେ ମଧ୍ୟ ମୋର ବଶବର୍ତ୍ତୀ । ମୋର ଶର ହିଁ ତୁମକୁ ସୁକୁମାରୀ ପଦ୍ମିନୀ ସଙ୍ଗେ ଯୋଗ କରିଛି ପରା ।"

ସେହିଦିନଠାରୁ କନ୍ଦର୍ପ ସୂର୍ଯ୍ୟଙ୍କ ଉପରେ ପ୍ରତିଶୋଧ ନେବାର ସୁଯୋଗ ଖୋଜି ରହିଲେ ।

ପରଶୁରାମଙ୍କ ଶିଷ୍ୟ ସୁମନ୍ୟୁ ନାମକ ଋଷି ବାଲେଶ୍ୱର ନିକଟରେ ସମୁଦ୍ରତୀରରେ ତପସ୍ୟା କରୁଥିଲେ । ତାଙ୍କ ପ୍ରଭାବରେ ସମୁଦ୍ର-ଅପ୍ସରା ଗର୍ଭରୁ ଏକ କନ୍ୟା ଜନ୍ମିଥିଲା । ତାହାର ନାମ ଚନ୍ଦ୍ରଭାଗା । ମୁନିଙ୍କଦ୍ୱାରା ଲାଳିତା ପାଳିତା ହୋଇ ଚନ୍ଦ୍ରଭାଗା ଯୌବନରେ ପଦାର୍ପଣ କଲା । ସୌନ୍ଦର୍ଯ୍ୟରେ ସେ ଅଦ୍ୱିତୀୟା ହୋଇପଡ଼ିଲା ।

ଦିନେ ପ୍ରଦୋଷ ସମୟରେ ବାଲୁକା-ପ୍ରାନ୍ତରରେ ଚନ୍ଦ୍ରଭାଗା କନ୍ଦୁକ କ୍ରୀଡ଼ାରେ ରତ ଥିଲା । ସେ ଊର୍ଦ୍ଧ୍ୱକୁ ଫିଙ୍ଗି ତା'ର ଗତିକୁ ଦୃଷ୍ଟିପାତ କରୁଥିଲା । ଏକେ ସେ ଅପରୂପା ରୂପସୀ । ଇତସ୍ତତଃ କନ୍ଦୁକ ପଛେ ଧାଉଁ ଧାଉଁ ତା'ର କେଶପାଶ ଫିଟି ପଡ଼ି ଭୂମିକୁ ସ୍ପର୍ଶ କରୁଛି । ଫଳରେ ତା'ର ସୌନ୍ଦର୍ଯ୍ୟ ଶତଗୁଣରେ ବୃଦ୍ଧି ପାଉଛି ।

Digitized by PPRACHIN, SOA

ଏହି ସମୟରେ ସୂର୍ଯ୍ୟ ଦେବତା କୋଣାର୍କରୁ ଆସୁଥିଲେ । ତାଙ୍କର ଦୃଷ୍ଟି ଚନ୍ଦ୍ରଭାଗା ଉପରେ ପଡ଼ିଲା । ତା'ର ଅପୂର୍ବ ସୌନ୍ଦର୍ଯ୍ୟରେ ସୂର୍ଯ୍ୟ ଆତ୍ମହରା ହୋଇପଡ଼ିଲେ । କନ୍ଦର୍ପ ମନେ କଲେ ଯେ, ସୂର୍ଯ୍ୟଙ୍କ ଉପରେ ପ୍ରତିଶୋଧ ନେବାର ଏହାହିଁ ଉପଯୁକ୍ତ ସମୟ । ସେ ନିଜର ଫୁଲଧନୁରେ ଫୁଲଶର ସଂଯୋଗ କରି ସୂର୍ଯ୍ୟଙ୍କ ପ୍ରତି ସମ୍ମୋହନ ଶର ପ୍ରୟୋଗ କଲେ । ନିଜର ଅଭିପ୍ରାୟ ସିଦ୍ଧି ପାଇଁ ସେହି ଫୁଲଶରକୁ ସେ ବିପରୀତ ଭାବରେ ଚନ୍ଦ୍ରଭାଗା ପ୍ରତି ନିକ୍ଷେପ କଲେ । ଫଳରେ ସୂର୍ଯ୍ୟଙ୍କର ଚନ୍ଦ୍ରଭାଗା ପ୍ରତି ଅନୁରାଗ ଓ ଚନ୍ଦ୍ରଭାଗାର ସୂର୍ଯ୍ୟଙ୍କ ପ୍ରତି ବିରାଗ ଜନ୍ମିଲା ।

ସୂର୍ଯ୍ୟ ଯୁବକ-ବ୍ରାହ୍ମଣ ବେଶରେ ଚନ୍ଦ୍ରଭାଗା ନିକଟକୁ ଗଲେ । ତାଙ୍କୁ ଦେଖି ଚନ୍ଦ୍ରଭାଗା ପଳାଇବାକୁ ଲାଗିଲା । ସୂର୍ଯ୍ୟ ତା'ର ଅନୁଧାବନ କରି ଜଣାଇଲେ, "ସୁନ୍ଦରି, ମୋତେ ଦେଖି ପଳାଇବାର କାରଣ ନାହିଁ । ମୁଁ ସାମାନ୍ୟ ବ୍ରାହ୍ମଣ ନୁହେଁ । ମୁଁ ଜଗତର ଚକ୍ଷୁରୂପୀ ସୂର୍ଯ୍ୟ । ମୋଦ୍ୱାରାହିଁ ଏ ସୃଷ୍ଟି ସମ୍ଭବ ଅଛି । ଋତୁମାନେ ମୋର ସେବା କରିଥାନ୍ତି । ମୋରି ବଂଶରେ କେତେ ପ୍ରସିଦ୍ଧ କ୍ଷତ୍ରିୟ ନୃପତି ଜନ୍ମି ଅଛନ୍ତି । ମୋର ଆସ୍ଥାନ ହେଉଛି, ଏଇ ବିରାଟ ଉତ୍ତୁଙ୍ଗ କୋଣାର୍କ ମନ୍ଦିର । ଦ୍ୱାପର ଯୁଗରେ ଭୋଜରାଜକନ୍ୟା କୁନ୍ତୀ ମନ୍ତ୍ରବଳରେ ଥରେ ମୋତେ ଆକର୍ଷଣ କରିଥିଲେ, ଏବେ ତୁ 'ଲାବଣ୍ୟ-ରଜ୍ଜୁରେ' ମୋତେ ବାନ୍ଧି ଆଣିଛୁ । ମୁଁ ତ ତୋର ଶତ୍ରୁ ନୁହେଁ; ତୋର ସେବକ ମାତ୍ର । ବୃଥା କାହିଁକି ପାଦକୁ କଷ୍ଟ ଦେଉଛୁ । ମୋ ପ୍ରତି ପ୍ରସନ୍ନା ହୁଅ ।"

ସୂର୍ଯ୍ୟଙ୍କର ସବୁ ମିନତି, ସବୁ ଚାଟୁବାକ୍ୟ ବିଫଳ ହେଲା । ଚନ୍ଦ୍ରଭାଗା ଯେତିକି ପଳାଉଥାଏ, ସୂର୍ଯ୍ୟ ତା ପଛେ ପଛେ ସେତିକି ଧାଉଁଥାନ୍ତି । ଏହିପରି ଧାଇଁ ଧାଇଁ ଚନ୍ଦ୍ରଭାଗା ସମୁଦ୍ରତୀରରେ

Digitized by PPRACHIN, SOA

ଉପସ୍ଥିତ । ସେତେବେଳକୁ ସେ ନିତାନ୍ତ ଅବସନ୍ନା । ସେ ନିଜ ମାତାଙ୍କୁ ଲକ୍ଷ୍ୟକରି ପ୍ରାର୍ଥନା କଲା,"ମାଆ, ମୋର ଏ ରୂପ ଶେଷରେ ମୋର କାଳ ହେଲା । ମୋର ରୂପ ଅଛି, ମାତ୍ର ଶକ୍ତି ନାହିଁ । ଶକ୍ତିହୀନ ରୂପ ବିଡ଼ମ୍ବନା ମାତ୍ର । ମୋତେ ତୋ ଗର୍ଭରେ ଆଶ୍ରୟ ଦେ ।"

ଏହି ସମୟରେ ପର୍ବତପରି ଉଚ୍ଚ ଲହରୀମାଳା ସମୁଦ୍ରକୂଳକୁ ମାଡ଼ି ଆସିଲା । ଚନ୍ଦ୍ରଭାଗା ତା ମଧ୍ୟରେ ଉଭେଇଗଲା ।

ଧ୍ୟାନବଳରେ ସୁମନ୍ତ୍ୟୁ ସୂର୍ଯ୍ୟଙ୍କର କାର୍ଯ୍ୟକଳାପ ଜାଣିପାରି ଅଭିଶାପ ଦେଲେ । ଏହା ଫଳରେ ସୂର୍ଯ୍ୟଦେବଙ୍କର କୋଣାର୍କ ମନ୍ଦିର ଭୂମିସାତ୍ ହୋଇପଡ଼ିଲା ।

ଏହି କୋଣାର୍କ ମନ୍ଦିର ଶିଳ୍ପକଳାରେ ଦିନେ ଉତ୍କଳରେ ଅଦ୍ୱିତୀୟ ଥିଲା । ସୁମନ୍ତ୍ୟୁଙ୍କ ଅଭିଶାପରେ ସୂର୍ଯ୍ୟଙ୍କର ମନ୍ଦିର ଭାଙ୍ଗିଗଲା ଓ ତା ପଛେ ପଛେ କୋଣାର୍କରୁ ସୂର୍ଯ୍ୟପୂଜା ମଧ୍ୟ ଉଠିଗଲା । ଏବେ ସେ ସ୍ଥାନ ମରୁଭୂମିରେ ପରିଣତ । କେବଳ ମନ୍ଦିରର ମୁଖଶାଳ ଟି ପୂର୍ବ ଗୌରବର ସାକ୍ଷୀରୂପେ ରହିଛି ।

ଏ ଗଳ୍ପର ମୂଳ କେଉଁଠି:—

ରାଧାନାଥ ଏହି ଚନ୍ଦ୍ରଭାଗାର ବିଷୟବସ୍ତୁ କେଉଁଠାରୁ ପାଇଲେ ? ଐତିହାସିକମାନେ କୋଣାର୍କ ମନ୍ଦିର ଭାଙ୍ଗିବା ବିଷୟରେ ଭିନ୍ନ ଭିନ୍ନ ମତ ଦେଇଥାନ୍ତି । ଯଥା—(୧) ମନ୍ଦିରର ମୂଳ ପତ୍ତନ ସୁଦୃଢ଼ ନ ଥିଲା (୨) ବଜ୍ରପାତ (୩) ଏଥିରେ ଯେଉଁ ଚୁମ୍ବକ ଥିଲା, ତାହା ସମୁଦ୍ରଗାମୀ ଜାହାଜକୁ ଟାଣୁଥିବାରୁ କେହି ଚୁମ୍ବକକୁ ବାହାର କରି-ନେଲେ । ଫଳତଃ ଦେଉଳ ଭାଙ୍ଗି ପଡ଼ିଛି(୪)ପର୍ତ୍ତୁଗୀଜ ଜଳଦସ୍ୟୁମାନେ

Digitized by PPRACHIN, SOA

ଏଥିରେ ରହି ମନ୍ଦିରର ଧ୍ୱଂସପଥ ସୁଗମ କରିଥିଲେ । (୫) କଳା-ପାହାଡ଼ର ଆକ୍ରମଣ ଇତ୍ୟାଦି । ଏହି କାରଣଗୁଡ଼ିକ ପରୋକ୍ଷ ପ୍ରମାଣ ଉପରେ ପ୍ରତିଷ୍ଠିତ; କିନ୍ତୁ ରାଧାନାଥ ମନ୍ଦିର ଧ୍ୱଂସର ଯେଉଁ କାରଣ ଦେଇଛନ୍ତି, ତାହା ଅଲୌକିକ । ସୁମନ୍ତ୍ୟ ଋଷିଙ୍କର ସୂର୍ଯ୍ୟଙ୍କ ପ୍ରତି ଅଭିଶାପର ଫଳରେ ମନ୍ଦିର ଭଗ୍ନ ହୋଇଅଛି—ଏପରି ଧାରଣା ରାଧାନାଥ କେଉଁଠାରୁ ପାଇଲେ ?

ରାଧାନାଥ ସଂସ୍କୃତ, ବଙ୍ଗଳା, ହିନ୍ଦୀ ଓ ଓଡ଼ିଆ ସାହିତ୍ୟ ସଙ୍ଗେ ସଙ୍ଗେ ଇଂରାଜୀ ସାହିତ୍ୟରେ ମଧ୍ୟ ସୁପଣ୍ଡିତ ଥିଲେ । ସଂସ୍କୃତର ମେଘଦୂତ ଓ ହଂସଦୂତ ଖଣ୍ଡକାବ୍ୟଦ୍ୱୟ ସେ ଓଡ଼ିଆରେ ଅନୁବାଦ କରିଥିଲେ । ଇଂରାଜୀ କାବ୍ୟମାନଙ୍କରୁ ବିଷୟବସ୍ତୁ ଆହରଣ କରି ତାହାକୁ ଓଡ଼ିଶାର ପାଣିପାଗ ସଙ୍ଗେ ଖାପ ଖୁଆଇ ବୈଦେଶିକ ନାୟକ-ନାୟିକାଙ୍କୁ ଓଡ଼ିଆ-ଓଡ଼ିଆଣୀରୂପେ ଉପସ୍ଥାପିତ କରାଇବା ରାଧାନାଥଙ୍କର ଏକ ବୈଶିଷ୍ଟ୍ୟ । ଏହା କରିବାକୁ ଯାଇ ରାଧାନାଥ ଅନେକ ସ୍ଥଳରେ ଉତ୍କଳର ଇତିହାସ ଓ କିମ୍ବଦନ୍ତୀ ଉପରେ କଠୋର ପଦାଘାତ କରିଅଛନ୍ତି; କିନ୍ତୁ ଏହି ବୈଦେଶିକ ନାୟକ ନାୟିକା ରାଧାନାଥଙ୍କ କାବ୍ୟରେ ଏପରି ଭାବରେ ଉତ୍କଳୀୟରୂପ ପାଇଅଛନ୍ତି ଯେ ସାଧାରଣ ପାଠକପକ୍ଷରେ ସେମାନଙ୍କୁ ବିଦେଶୀ ବୋଲି ଚିହ୍ନିବା ସମ୍ଭବପର ନୁହେଁ । ଉଦାହରଣସ୍ୱରୂପ ରାଧାନାଥଙ୍କ କେଦାରଗୌରୀ କାବ୍ୟର ନାୟକ ନାୟିକା ଯଥାକ୍ରମେ କେଦାର ଓ ଗୌରୀ । ଉଭୟେ ପରସ୍ପର ପ୍ରତି ପ୍ରେମରେ ଆସକ୍ତ; କିନ୍ତୁ ସେମାନଙ୍କ ପିତାମାତା ଏହି ପ୍ରେମ-ପଥରେ ପ୍ରତିବନ୍ଧକ ହେଲେ । ସମାଜକୁ ଏଡ଼ି ଉଭୟେ ଲୁଚିଯିବାକୁ ସ୍ଥିର କରିଛନ୍ତି । ନଗରପ୍ରାନ୍ତରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଉଭୟେ ମିଳିବାର ସ୍ଥିର ହେଲା । ଗୌରୀ ସଙ୍କେତ ସ୍ଥାନ ନିକଟକୁ

Digitized by PPRACHIN, SOA

ଗଲା । ଏହି ସମୟରେ ଗୋଟିଏ ବ୍ୟାଘ୍ର ରକ୍ତାକ୍ତ ମୁଖରେ ସେଠାରେ ଉପସ୍ଥିତ । ଗୌରୀ ଭୟରେ ପଳାଇ ଯାଉ ଯାଉ ତା'ର ଉତ୍ତରୀୟ ଖସି ପଡ଼ିଲା । ବ୍ୟାଘ୍ରଟି ରକ୍ତଲିପ୍ତ ମୁଖରେ ସେହି ଉତ୍ତରୀୟଟିକୁ ଖଣ୍ଡ ଖଣ୍ଡ କରି ପକାଇଲା । କିଛି ସମୟ ପରେ କେଦାର ଆସି ସଙ୍କେତ ସ୍ଥଳରେ ରକ୍ତାକ୍ତ ଉତ୍ତରୀୟ ଦେଖି ମନେ କଲା ଯେ ତା'ର ପ୍ରେୟସୀ ବ୍ୟାଘ୍ରଦ୍ୱାରା ହତ । ଗୌରୀ ବିନା ଜୀବନ ବିଫଳ ମନେକରି ସେ ଛୁରିକାଦ୍ୱାରା ନିଜ ବକ୍ଷକୁ ଆଘାତ କଲା । ଗୌରୀ ଗହ୍ୱରରୁ ଆସି ଦେଖିଲା ଯେ କେଦାରର ଶେଷ ସମୟ ଉପସ୍ଥିତ । ପର ଜୀବନରେ ଉଭୟଙ୍କର ପୁନର୍ମିଳନ ହେବା ଆଶାରେ ଗୌରୀ ସେହି ଛୁରିକାଦ୍ୱାରା ଆତ୍ମବିସର୍ଜନ କଲା ।

ଉଭୟଙ୍କର ପ୍ରେମର ମାହାତ୍ମ୍ୟ ପ୍ରକଟନପାଇଁ ଉତ୍କଳରାଜ କେଦାରଗୌରୀ ମନ୍ଦିର ତୋଳାଇ ଦେଲେ ।

ଭୁବନେଶ୍ୱରର କେଦାରଗୌରୀ ମନ୍ଦିର ସହିତ ଗଳ୍ପଟି ଜଡ଼ିତ ଥିବାରୁ ସାଧାରଣ ପାଠକ ଏହାକୁ ସତ୍ୟଘଟନାମୂଳକ ବୋଲି ମନେ କରିବା ସହଜ, ମାତ୍ର ରାଧାନାଥଙ୍କ ଏହି ଗଳ୍ପଟି ଓଡ଼ିଶା ଇତିହାସ ବା କିମ୍ବଦନ୍ତୀସମ୍ମତ ନୁହେଁ । ଏହାର ମୂଳ ହେଉଛି ପିରମିସ୍ ଓ ଥିସେବ ନାମକ ଏକ ବୈଦେଶିକ ଗଳ୍ପ । ଏହି ଗଳ୍ପଟି ସେକସ୍‌ପିଅରଙ୍କ Mid Summer Nights Dream ମଧ୍ୟରେ ସ୍ଥାନ ପାଇଅଛି । *

---

* ଏହି ଗଳ୍ପର ଆଦିମ ଉତ୍ସ ହେଉଛି ଓଭିଡ଼ଙ୍କ ମେଟାମରଫସିସରେ । ଇଂରାଜ କବି ଚସର (Chaucer) ଓଭିଡ଼ଙ୍କ ଏହି ଗଳ୍ପଟିକୁ ନିଜ Legend of Good Womenରେ ସନ୍ନିବିଷ୍ଟ କରିଅଛନ୍ତି ।

Digitized by PPRACHIN, SOA

ସେହିପରି ରାଧାନାଥଙ୍କ ଉଷା ଜଣେ ଉତ୍କଳୀୟ ରାଜକନ୍ୟା-ରୂପେ ବର୍ଣ୍ଣିତ । ଯେଉଁ ରାଜପୁତ୍ର ଦୌଡ଼ ପ୍ରତିଯୋଗିତାରେ ଉଷାକୁ ହରାଇବ ତାକୁ ବିବାହ କରିବ ବୋଲି ଉଷାର ପ୍ରତିଜ୍ଞା, ପୁଣି ଯେଉଁ ରାଜପୁତ୍ର ହାରିବ ତା'ର ପ୍ରାଣଦଣ୍ଡ । ଶତ ଶତ ରାଜପୁତ୍ରଙ୍କର ମୁଣ୍ଡ ଶ୍ମଶାନରେ ଗଡ଼ିଲା । ପରିଶେଷରେ ଜୟନ୍ତନାମକ ଜଣେ ରାଜପୁତ୍ର କାର୍ତ୍ତିକେୟଙ୍କର ବର ପ୍ରସାଦରୁ କୌଶଳରେ ଉଷାଙ୍କୁ ପ୍ରତିଯୋଗିତାରେ ହରାଇଲେ, ମାତ୍ର ବିବାହ ବେଦୀରେ ଉଭୟଙ୍କର ହସ୍ତଗ୍ରନ୍ଥି ପଡ଼ିବା ସମୟରେ ଦୁହିଁଙ୍କର ଆତ୍ମା ସ୍ୱର୍ଗକୁ ଚାଲିଗଲା । ରାଜାଙ୍କୁ ସ୍ୱପ୍ନାଦେଶ ହେଲା ଯେ ଜୟନ୍ତ ଓ ଉଷା ହେଉଛନ୍ତି ଶାପଭ୍ରଷ୍ଟ ଚିତ୍ରରଥ ଓ ତିଲୋତ୍ତମା । ଅଭିଶାପରୁ ସେମାନେ ଏବେ ମୁକ୍ତ ହୋଇ ସ୍ୱର୍ଗକୁ ଗଲେ । ରାଜା ଉଷା-ଜୟନ୍ତଙ୍କର ସମାଧି ସ୍ଥାନରେ ଗୋଟିଏ ମନ୍ଦିର ନିର୍ମାଣ କରାଇ ଦେଲେ । ଏବେ ମଣ୍ଡପ ଭାଙ୍ଗି ଯାଇଛି; ତଥାପି ସ୍ଥାନଟିର ନାମ ରହିଯାଇଛି 'ଉଷାମଣ୍ଡପ' ।

ଏହି ଗଳ୍ପଟି ମଧ୍ୟ ଉତ୍କଳୀୟ କିମ୍ବଦନ୍ତୀମୂଳକ ନୁହେଁ । ଏହା ଗୋଟିଏ ବୈଦେଶିକ ଗଳ୍ପ 'Atlanta's Race'ର ଅନୁକୃତି । ରାଧାନାଥଙ୍କ ଉଷା ହେଉଛି Atlanta । କେବଳ Atlanta ଗଳ୍ପ ମିଳନାନ୍ତକ ହୋଇଥିବା ସ୍ଥଳେ ଉଷା କାବ୍ୟ ବିୟୋଗାନ୍ତ ହୋଇଯାଇଛି ଓ ସେଥିର ଏକ ଅଲୌକିକ କାରଣ ସ୍ୱପ୍ନାଦେଶରୂପେ ଦିଆଯାଇଛି ।

ରାଧାନାଥ କେଦାରଗୌରୀ ଓ ଉଷା କାବ୍ୟର ବିଷୟବସ୍ତୁ-ପରି ଚନ୍ଦ୍ରଭାଗାର ବିଷୟବସ୍ତୁ ମଧ୍ୟ ଏକ ବୈଦେଶିକ କାବ୍ୟରୁ ଆହ୍ରଣ କରି ଅଛନ୍ତି ।

ଓଭିଡ଼ଙ୍କ ମେଟାମରଫସିସ କାବ୍ୟର ଅନ୍ତର୍ଗତ ଡାଫନୀ ଓ ଆପୋଲୋଙ୍କ ପ୍ରଣୟ କାହାଣୀରୁ ଉପାଦାନ ସଂଗ୍ରହ କରି ରାଧାନାଥ

Digitized by PPRACHIN, SOA

ଚନ୍ଦ୍ରଭାଗା କାବ୍ୟ ଲେଖିଥିବା ନିଃସନ୍ଦେହ ମନେ ହୁଏ । ପୂର୍ବରୁ ଚନ୍ଦ୍ରଭାଗାର କଥାବସ୍ତୁ ଦିଆ ଯାଇଅଛି । ତୁଳନାର ସୁବିଧା ନିମନ୍ତେ ଏଠାରେ ଡାଫନି ଓ ଆପୋଲୋ କାହାଣୀ ଦିଆଯାଉଅଛି ।

ଥେସାଲି ରାଜ୍ୟରେ ପେନିଅସ ନଦୀ ପ୍ରବାହିତ । ଏହି ନଦୀର କନ୍ୟା ହେଉଛନ୍ତି ଅପୂର୍ବରୂପବତୀ ଡାଫନି । ଆପୋଲୋ (ସୂର୍ଯ୍ୟ ଦେବତା) ଏହାଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ । ଆପୋଲୋ ଗର୍ବାନ୍ଧ ହୋଇ ପ୍ରେମର ଦେବତା କଉପିଡ଼ଙ୍କୁ ଭର୍ତ୍ସନା କଲେ । କଉପିଡ଼ ନିଜକୁ ଆପୋଲୋଙ୍କଠାରୁ ବଡ଼ ବୋଲି କହିଲେ । ଦିନେ କଉପିଡ଼ ପାର୍ଣ୍ଣେସସ ପର୍ବତରେ ରହି ଆପୋଲୋ ପ୍ରତି ସୁନାର ଶର ଓ ଡାଫନୀଙ୍କ ପ୍ରତି ସୀସକର ଶର ପ୍ରୟୋଗ କଲେ । ଫଳରେ ଆପୋଲୋଙ୍କର ଡାଫନୀଙ୍କ ପ୍ରତି ଯେତିକ ଅନୁରକ୍ତି ଜନ୍ମିଲା ଡାଫନୀଙ୍କର ଆପୋଲୋଙ୍କ ପ୍ରତି ସେତିକ ବିରାଗ ଜାତ ହେଲା । ଡାଫନି ଚିରକୁମାରୀ ରହିବାକୁ ଅଭିଳାଷ କରିଛନ୍ତି; ମାତ୍ର ଆପୋଲୋ ଛାଡ଼ିବାର ପାତ୍ର ନୁହନ୍ତି । ସେ ଡାଫନୀଙ୍କର ଅନୁଧାବନ କଲେ । ଆପୋଲୋଙ୍କର କୋମଳ ପ୍ରଣୟ-ବାକ୍ୟ ଡାଫନୀଙ୍କ ନିକଟରେ ବିଫଳ ହେଲା ।

ପଳାଇ ଯାଉ ଯାଉ ଡାଫନି କାତର ଓ ଅବସନ୍ନ ହୋଇ ପ୍ରାର୍ଥନା କରିଛି ନିଜର ପିତାଙ୍କୁ । ପୃଥିବୀକୁ ପ୍ରାର୍ଥନା କରିଛି, "ମା ବସୁଧା, ତୁ ଦ୍ୱିଧା ହୋଇ ମୋତେ ତୋ ଗର୍ଭକୁ ନେଇଯା । ନ ହେଲେ ମୋର ସୌନ୍ଦର୍ଯ୍ୟକୁ ଧ୍ୱଂସ କରିଦେ ।"

ତା'ର ପ୍ରାର୍ଥନା ସରୁ ନ ସରୁଣୁ ତା'ର ଶରୀର କ୍ରମଶଃ ପରିବର୍ତ୍ତିତ ହୋଇ ଆସିଲା । ତା'ର କେଶଗୁଡ଼ିକ ଶ୍ୟାମଳ ପତ୍ରରେ, ତା'ର ବାହୁ ଦୁଇଟି ଶାଖାରେ ଓ ଦ୍ରୁତଗାମୀ ପାଦ ଦୁଇଟି ମୂଳରେ ପରିଣତ ହୋଇଗଲା । ଏହିରୂପେ ଡାଫନି ଲରେଲ ବୃକ୍ଷରୂପ ଧାରଣ କଲା ।

Digitized by PPRACHIN, SOA

ଓଭିଡ଼ଙ୍କ ମେଟାମରଫସିସ କାବ୍ୟ ଗ୍ରୀକ୍ ଭାଷାରେ ଲିଖିତ । ରାଧାନାଥ ଏହି କାବ୍ୟର ଇଂରାଜୀ ଅନୁବାଦ ପଢ଼ି ଚନ୍ଦ୍ରଭାଗା ଲେଖିଛନ୍ତି ଏଥିରେ ସନ୍ଦେହ ନାହିଁ । ମେଟାମରଫସିସ୍ ଶବ୍ଦର ଅର୍ଥ ହେଉଛି 'ରୂପାନ୍ତର' । ଡାଫନୀ କିପରି ଲରେଲ ବୃକ୍ଷରେ ରୂପାନ୍ତର ଗ୍ରହଣ କଲା, ତାହା ହିଁ ଓଭିଡ଼ଙ୍କ ଗଳ୍ପର ଉଦ୍ଦେଶ୍ୟ । ଲରେଲ ପତ୍ରର ମୁକୁଟ ଏବେ ବିଶିଷ୍ଟ ବିଜେତାଙ୍କର ଶ୍ରେଷ୍ଠ ପୁରସ୍କାରରୂପେ ବିବେଚିତ ।

ବର୍ତ୍ତମାନ ଗ୍ରୀକ୍ ଗଳ୍ପ ଓ ରାଧାନାଥଙ୍କ ଗଳ୍ପର ତୁଳନା କରାଯାଉ । ମୁଖ୍ୟତଃ ଦୁଇ ଗଳ୍ପର ବିଷୟବସ୍ତୁ ସମାନ ହେଲେହେଁ (୧) ସୂର୍ଯ୍ୟ ଓ କନ୍ଦର୍ପଙ୍କର ବିରୋଧପାଇଁ ରାଧାନାଥ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ କରିଛନ୍ତି; ଟେମ୍ପୀର୍ଷାଭିଟେଷକ ଉତ୍ସବ ଦିନ ସିଂହଦ୍ୱାର ରଥାରେ । ଓଭିଡ଼ ଏପରି ବିରୋଧର ଉପଯୁକ୍ତ କାରଣ ଦେଇ ନାହାନ୍ତି । (୨) ରାଧାନାଥଙ୍କ କନ୍ଦର୍ପ ଗୋଟିଏ ଫୁଲଶରକୁ ଦୁଇ ପ୍ରକାରେ ଯୋଖି ଅନୁରାଗ ଓ ବିରାଗ ସୃଷ୍ଟି କରିଛନ୍ତି; କିନ୍ତୁ କଉପିଡ଼ ସ୍ୱର୍ଣ୍ଣ ଓ ସୀସକର ଦୁଇଟି ଶର ପ୍ରୟୋଗ କରିଛନ୍ତି ।(୩)ଚନ୍ଦ୍ରଭାଗା ସୂର୍ଯ୍ୟଙ୍କଠାରୁ ରକ୍ଷା ପାଇବାପାଇଁ ନିଜର ମାତାଙ୍କୁ ପ୍ରାର୍ଥନା କରିଛନ୍ତି; କିନ୍ତୁ ଡାଫନୀ ପିତାଙ୍କୁ ଜଣାଇଛନ୍ତି । ପରିଶେଷରେ (୪) ଚନ୍ଦ୍ରଭାଗାକାବ୍ୟର ଶେଷାଂଶଟି ଓଭିଡ଼ଙ୍କ କାବ୍ୟଠାରୁ ସମ୍ପୂର୍ଣ୍ଣ ପୃଥକ୍ । ଓଭିଡ଼ଙ୍କ ଡାଫନୀ ଗୋଟିଏ ଲରେଲ ବୃକ୍ଷରେ ପରିଣତ ହୋଇ ଯାଉଛି । ରାଧାନାଥଙ୍କ ଚନ୍ଦ୍ରଭାଗା ସମୁଦ୍ରଜଳରାଶି ମଧ୍ୟରେ ଲୁଚି ଯାଇଛି ଏବଂ ସୁମନ୍ୟୁଙ୍କ ଅଭିଶାପରେ କୋଣାର୍କର ସୂର୍ଯ୍ୟମନ୍ଦିର ଭାଙ୍ଗି ପଡ଼ୁଛି ।

ରାଧାନାଥ ମୂଳ କାବ୍ୟକୁ ଏପରି ବଦଳାଇଲେ କାହିଁକି ?

କେଦାରଗୌରୀ, ଉଷା, ଚନ୍ଦ୍ରଭାଗା, ଯଯାତିକେଶରୀ ପ୍ରଭୃତି କାବ୍ୟମାନଙ୍କର କଥାବସ୍ତୁ ବୈଦେଶିକ କାବ୍ୟରୁ ଗୃହୀତ । ମାତ୍ର

Digitized by PPRACHIN, SOA

ରାଧାନାଥ ସେହି ବୈଦେଶିକ କାବ୍ୟକୁ ଓଡ଼ିଆ ଭାଷାରେ ରୂପାନ୍ତରିତ କରି ନାହାନ୍ତି, ବରଂ ବୈଦେଶିକ ଲେଖାରୁ କଙ୍କାଳମାନ ସଂଗ୍ରହ କରି ସେଥିରେ ଉତ୍କଳର ପ୍ରକୃତି, ଉତ୍କଳୀୟ ତଥା ଭାରତୀୟ ପରମ୍ପରା, ଉତ୍କଳର ତୀର୍ଥ, ନଦ ନଦୀ ଉତ୍କଳର ବରବରା, ରାଜାରାଣୀ ପ୍ରଭୃତିଙ୍କ ରକ୍ତ-ମାଂସରୂପେ ଖଞ୍ଜି ନିଜର କାବ୍ୟ ସୃଷ୍ଟି କରିଅଛନ୍ତି । ଅବଶ୍ୟ ରାଧାନାଥଙ୍କର ଏହି ପ୍ରୟାସକୁ ଅନେକ ସମାଲୋଚନା କରିଥାଆନ୍ତି । ପଣ୍ଡିତ ନୀଳକଣ୍ଠ 'ଚନ୍ଦ୍ରଭାଗା' କାବ୍ୟକୁ ଲକ୍ଷ୍ୟ କରି ଲେଖିଛନ୍ତି—

"ଅଭିନୟ ପରି ଦେଖିବ ସବୁ ତରଳ ନଦେ
ପୂଲକ-ବିସ୍ମୟ-ଚମକେ କେତେ ରସ ଉନ୍ମାଦେ ।
ଚନ୍ଦ୍ରହାସେ ବାଳା ଆସିବେ ଚନ୍ଦ୍ରଭାଗା ସୁନ୍ଦରୀ
ଯବନାମ୍ନୀ କବି-ନାୟିକା ନାଟିତକ ଆଚରି ।
ବିଦେଶୀ ସୂର୍ଯ୍ୟନ୍ୟ ଆସିବେ ଭିନେ ନାଚନ୍ତା ଖେଳେ
ଗୃହଁ ଗୃହଁ ପୁଣି ମିଶିବେ ନୀଳ-ଜଳଧି-ଜଳେ ।"

ଏଥିରେ ସ୍ପଷ୍ଟ ଅନୁମିତ ହେବ ଯେ ପଣ୍ଡିତ ନୀଳକଣ୍ଠଙ୍କ ମତରେ ରାଧାନାଥ ଚନ୍ଦ୍ରଭାଗା କାବ୍ୟରେ ଓଡ଼ିଶାର ଐତିହ୍ୟ ଓ କିମ୍ବଦନ୍ତୀ ଉପରେ କୁଠାରାଘାତ କରିଅଛନ୍ତି । କୋଣାର୍କର ପତନ ବିଷୟରେ ରାଧାନାଥ ଯେଉଁ କାରଣ ଦେଇଛନ୍ତି ତାହା ଓଡ଼ିଶାର ଇତିହାସ ଓ କିମ୍ବଦନ୍ତୀର ବିରୋଧୀ । ନୀଳକଣ୍ଠଙ୍କ ମତରେ କୋଣାର୍କର ବୈଶିଷ୍ଟ୍ୟ ଅନ୍ୟନ ।

"ଜାମ୍ବବତୀ-ସୁତ ପଳକେ ଚନ୍ଦ୍ରଭାଗା ପୁଳିନେ
ବସିଯିବେ ତପ ଆଚରି, ଗୃହଁ ଚଣ୍ଡ ତପନେ;
ଚନ୍ଦ୍ରଭାଗା-ଜଳେ ପଖାଳି ଦେହ, ଦୁରିତରାଶି
ଖଣ୍ଡିବ, ସବିତା ସ୍ୱଦେହେ ବର ଦେବେ ହେ ଆସି
ସୂର୍ଯ୍ୟରଥ ଭୁଲି ରହିବ ଏଥି ଅଗ୍ନି-କୋଣେ
କୋଣାର୍କର ନାମ ଶୋଭିବ ଚନ୍ଦ୍ରଭାଗା-ପୁଳିନେ ।"

Digitized by PPRACHIN, SOA

ଶାମ୍ବଙ୍କ ତପସ୍ୟାରେ ପ୍ରୀତ ହୋଇ ତାଙ୍କୁ ବର ଦେଇଥିବା ସୂର୍ଯ୍ୟଙ୍କ ପରିବର୍ତ୍ତେ ରାଧାନାଥ ଚନ୍ଦ୍ରଭାଗାଙ୍କ ପଛେ ଧାବମାନ ଓ ସୁମନ୍ୟୁଙ୍କଦ୍ୱାରା ଅଭିଶପ୍ତ ସୂର୍ଯ୍ୟଙ୍କୁ ଚିତ୍ରଣ କଲେ କାହିଁକି ?

ରାଧାନାଥ ପାଶ୍ଚାତ୍ୟ ସାହିତ୍ୟର ଅନୁବାଦ ବା ଅନୁସରଣ କରି ନ ଥିଲେ । ମୌଳିକ କାବ୍ୟ ଲେଖିବା ଥିଲା ତାଙ୍କର ଉଦ୍ଦେଶ୍ୟ । ସେଥିପାଇଁ ସେ ଯେଉଁଠାରୁ ସୁବିଧା ପାଉଥିଲେ ସେଠାରୁ ସ୍ଥୂଳ-କଥାବସ୍ତୁ ଗ୍ରହଣ କରି ନେଉଥିଲେ । ଏପରି ବିଷୟବସ୍ତୁର ଆହରଣ-ଦ୍ୱାରା କବିଙ୍କ କବିତ୍ୱରେ ମ୍ଳାନ ଆସେ ନାହିଁ । କାଳିଦାସଙ୍କ ପ୍ରସିଦ୍ଧ ନାଟକ ଶକୁନ୍ତଳାର ବିଷୟବସ୍ତୁ ପଦ୍ମପୁରାଣରୁ, ରଘୁବଂଶର ବିଷୟ-ବସ୍ତୁ ବାଲ୍ମୀକିକୃତ ରାମାୟଣରୁ ନିଆଯାଇଅଛି । ସେକ୍ସପିଅରଙ୍କ ଅଧିକାଂଶ ନାଟକର କଥାବସ୍ତୁ ପ୍ରାଚୀନ ଇତିହାସ ଓ କିମ୍ବଦନ୍ତୀ ଉପରେ ପ୍ରତିଷ୍ଠିତ । ତଥାପି କାଳିଦାସ ଓ ସେକ୍ସପିଅର ଜଗତ୍-ପ୍ରସିଦ୍ଧ କବିରୂପେ ପରିଚିତ ।

ରାଧାନାଥ ନିଜ କାବ୍ୟମାନଙ୍କରେ ଯେଉଁ ବୈଦେଶିକ ନାୟକ-ନାୟିକାଙ୍କୁ ନୂଆ ବେଶଭୂଷାରେ ସଜାଇ ଦେଇଛନ୍ତି, ସେମାନେ ରାଧାନାଥଙ୍କର ନିଜସ୍ୱ ସୃଷ୍ଟି ହୋଇ ପଡ଼ିଛନ୍ତି । ଫଳତଃ ରାଧାନାଥଙ୍କ କେଦାର ଓ ଗୌରୀ ପିରାମିସ ଓ ଥିସବେଙ୍କଠାରୁ ପୃଥକ୍, ଉଷା ଆଟଲାଣ୍ଟାଠାରୁ ପୃଥକ୍, ଚନ୍ଦ୍ରଭାଗା ଡାଫନୀଠାରୁ ପୃଥକ୍ । ଏ ସବୁ ରାଧାନାଥଙ୍କ ଅପୂର୍ବ ପ୍ରତିଭାର ଗୋଟିଏଲେଖାଏଁ ସୃଷ୍ଟି । ପ୍ରତ୍ୟେକଟିରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଚିନ୍ତାଧାରାର ସମନ୍ୱୟପାଇଁ ପ୍ରୟାସ କରାଯାଇଅଛି । ଏହି ସମନ୍ୱୟସାଧନ ଅବଶ୍ୟ ଗୋଟିଏ କଠିନ ବ୍ୟାପାର । ଏହି ପ୍ରୟାସ ମଧ୍ୟରେ ଯେ ଉତ୍କଳୀୟ କିମ୍ବଦନ୍ତୀ ଓ ପରମ୍ପରା ଅନେକତ୍ର ବ୍ୟାହତ ହୋଇଅଛି, ତାହା ସ୍ୱୀକାର୍ଯ୍ୟ । ରାଧାନାଥ ଉଷାକୁ ଅଭିଶପ୍ତା ତିଲୋତ୍ତମା ଓ ଜୟନ୍ତକୁ ଅଭିଶପ୍ତ

Digitized by PPRACHIN, SOA

ଚିତ୍ରରଥ ବୋଲି ବର୍ଣ୍ଣନା କରିଛନ୍ତି, ମାତ୍ର ଭାରତୀୟ ପରମ୍ପରାରେ ଉଷା ବାଣାସୁରର କନ୍ୟା । ଫଳରେ ରାଧାନାଥଙ୍କ ଉଷା ପାଶ୍ଚାତ୍ୟ ଆଟଲାଣ୍ଟା ନୁହନ୍ତି କି ଭାରତୀୟ ତିଲୋତ୍ତମା ନୁହନ୍ତି । ସେ ଏକ ସ୍ୱତନ୍ତ୍ର ସୃଷ୍ଟି । ସେହିପରି ଚନ୍ଦ୍ରଭାଗା ପାଶ୍ଚାତ୍ୟ Daphne ନୁହନ୍ତି କି ସୂର୍ଯ୍ୟ ଦେବତା Apollo ନୁହନ୍ତି; ଅଥଚ ପ୍ରାଚ୍ୟ ଓ ପଶ୍ଚାତ୍ୟ ଉଭୟର ସମନ୍ୱୟରେ ରାଧାନାଥ ଏମାନଙ୍କୁ ସୃଷ୍ଟି କରିଛନ୍ତି । ରାଧାନାଥଙ୍କ କବିପ୍ରତିଭା ବିଷୟବସ୍ତୁର ମୌଳିକତାରେ ନାହିଁ; ଅଛି ବିଷୟର ସମାବେଶରେ, ବର୍ଣ୍ଣନାର ବୈଚିତ୍ର୍ୟରେ ଓ ଭାଷାର ପରିପାଟୀରେ ।

ରାଧାନାଥଙ୍କ ପ୍ରକୃତି ବର୍ଣ୍ଣନା

ପ୍ରାଚୀନ ଓଡ଼ିଆ କାବ୍ୟମାନଙ୍କରେ ପ୍ରକୃତି ବର୍ଣ୍ଣନାର ଏକାନ୍ତ ଅଭାବ ବୋଲି ଅନେକ ଆକ୍ଷେପ କରିଥାନ୍ତି; କିନ୍ତୁ ଏ ଆକ୍ଷେପ ପୂର୍ଣ୍ଣ ସତ୍ୟ ନୁହେଁ । ପ୍ରାଚୀନ ଓଡ଼ିଆ କାବ୍ୟମାନଙ୍କରେ ସ୍ଥଳେ ସ୍ଥଳେ ମନୋହର ପ୍ରକୃତିଚିତ୍ରଣ ଅଛି; ମାତ୍ର ଆଧୁନିକ ଯୁଗରେ ପ୍ରକୃତି-ବର୍ଣ୍ଣନା ଯେପରି କାବ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗରୂପେ ବିଚାର କରା ଯାଉଅଛି, ପ୍ରାଚୀନ ଓଡ଼ିଆ କାବ୍ୟମାନଙ୍କରେ ସେପରି କରାଯାଇ ନାହିଁ । ରାଧାନାଥ ହିଁ ପ୍ରଥମେ ଓଡ଼ିଆ କାବ୍ୟମାନଙ୍କରେ ପ୍ରକୃତିଚିତ୍ରଣକୁ ଉଚ୍ଚ ସ୍ଥାନ ଦେଲେ । କବିମାନେ ଊଣା ଅଧିକେ ସୌନ୍ଦର୍ଯ୍ୟପ୍ରିୟ, ପୁଣି ଉତ୍କଳ ନାନା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପୂର୍ଣ୍ଣ । ରାଧାନାଥ ପ୍ରକୃତିପ୍ରେମୀ ଥିବାରୁ ସେ ଉତ୍କଳୀୟ ତଥା ଭାରତୀୟ ପ୍ରକୃତିକୁ ନିଜର କାବ୍ୟମାନଙ୍କରେ ସୁନ୍ଦରରୂପେ ବର୍ଣ୍ଣନା କରିଅଛନ୍ତି । ତାଙ୍କର 'ଚିଲିକା' ଖଣ୍ଡକାବ୍ୟଟି ଏହି ପ୍ରକୃତିବର୍ଣ୍ଣନାରେ ପରିପୂର୍ଣ୍ଣ । ଭାଷାରେ ସେ ପ୍ରକୃତିର ଏପରି ମନୋରମ ଚିତ୍ର ଦେଇଅଛନ୍ତି ଯେ

Digitized by PPRACHIN, SOA

ପାଠକ କବିଙ୍କ ବର୍ଣ୍ଣନା ପାଠ କରି ମୁଗ୍ଧ ହୋଇଯାଏ । ରାଧାନାଥଙ୍କ ଅନ୍ୟାନ୍ୟ କାବ୍ୟ ପରି ଚନ୍ଦ୍ରଭାଗାରେ ମଧ୍ୟ ପ୍ରକୃତି ବର୍ଣ୍ଣନାର ମନୋହର ଉଦାହରଣ ଦେଖିବାକୁ ମିଳେ । ନୀଳାଚଳ-ଧାମରେ ସମବେତ ଦେବଦେବୀଙ୍କ ପରିଚୟ ଛଳରେ କବି ସେମାନଙ୍କ ଅଧିଷ୍ଠାନ ସ୍ଥଳମାନଙ୍କର ବର୍ଣ୍ଣନା କରି ନିଜର ପ୍ରକୃତିପ୍ରିୟତାର ପରିଚୟ ଦେଇ ଅଛନ୍ତି । ଶ୍ରୀକ୍ଷେତ୍ର ନୀଳାଚଳ, ଚିଲିକା, କାଳିଜାଇ, ବାଣପୁର, ମହାନଦୀ, ସରଣ୍ଡା-ଦର୍ପଣ ଅଂଶୁପା, ବାଙ୍କୀ, ରଣପୁର, ଭଲ୍ଲୁକବିକଟ କାକଟପୁର ପ୍ରଭୃତି ସ୍ଥାନଗୁଡ଼ିକର ସଂକ୍ଷିପ୍ତ ବର୍ଣ୍ଣନା ଏ ପ୍ରସଙ୍ଗରେ ଦିଆ ଯାଇଅଛି । ସମୁଦ୍ରତଟରେ ସନ୍ଧ୍ୟାକାଳୀନ ଦୃଶ୍ୟ ବର୍ଣ୍ଣନା କରିବାକୁ ଯାଇ କବି ଲେଖିଛନ୍ତି—

ମଧୁର ପ୍ରଦୋଷ ସମୟ,
ସ୍ୱର୍ଣ୍ଣ-କିରଣ-ବୋଳା
କାଦମ୍ବିନୀ ଖେଳେ ଗଗନେ
ଧୀର-ସମୀର-ଦୋଳା ।
ଗୋଧୂଳି ଗଗନ ମୁକୁର
ଦିଶେ ଶତବରଣେ,
ଶତ ମନୋରଥ ଝଲକେ
ଯେସନେ ଆଶା କାନନେ ।
× × ×
ବାରୁଣୀ-ଦର୍ପଣ ପରାଏ
ଝଟଳେ ସର-ସଳିଳ
ସୁବର୍ଣ୍ଣ-ଲହରୀ ସୃଜଇ
ତହିଁ ମନ୍ଦ ଅନିଳ ।

Digitized by PPRACHIN, SOA

ଏହି ପଙ୍‌କ୍ତିଗୁଡ଼ିକୁ ପାଠ କଲାମାତ୍ରେ ପାଠକସମ୍ମୁଖରେ ସମୁଦ୍ରତୀରଦେଶର ଏକ ସନ୍ଧ୍ୟାକାଳୀନ ଦୃଶ୍ୟ ଖୋଲିଯାଏ । ଚିତ୍ରକର ରଙ୍ଗତୂଳିକାରେ ଯେପରି ଚିତ୍ରଟିଏ କରି ମନ ହରଣ କରନ୍ତି, ରାଧାନାଥ ସେହିପରି ଶବ୍ଦଯୋଜନା ବଳରେ ପାଠକ ଆଗରେ ମନୋଜ୍ଞ ପ୍ରାକୃତିକ ଦୃଶ୍ୟ ଦେଖାଇ ପାରି ଅଛନ୍ତି ।

ରାଧାନାଥଙ୍କ ରୂପବର୍ଣ୍ଣନା

ପ୍ରାଚୀନ ସଂସ୍କୃତ କାବ୍ୟପରି ପ୍ରାଚୀନ ଓଡ଼ିଆ କାବ୍ୟ-ମାନଙ୍କରେ ରୂପବର୍ଣ୍ଣନା ବିଶେଷତଃ ନାରୀରୂପବର୍ଣ୍ଣନା ବିଶେଷ-ଭାବେ ପରିଲକ୍ଷିତ ହୁଏ । ନାରୀରୂପ ବର୍ଣ୍ଣନାରେ ଉପେନ୍ଦ୍ର ଭଞ୍ଜ ପ୍ରଭୃତି କବି ଶ୍ଳୀଳତାର ସୀମା ଲଙ୍ଘି ଯାଇଥିବାର ଅଭିଯୋଗ ହୁଏ । ରାଧାନାଥ ମଧ୍ୟ ରୂପବର୍ଣ୍ଣନା କରି ଅଛନ୍ତି; କିନ୍ତୁ ତାହା କୌଣସିଠାରେ ଶିଷ୍ଟତାର ସୀମା ଅତିକ୍ରମ କରିଥିଲାପରି ମନେ ହୁଏ ନାହିଁ । ଆଲୋଚ୍ୟ ଚନ୍ଦ୍ରଭାଗାରେ କେତେକ ଦେବୀଙ୍କର ରୂପବର୍ଣ୍ଣନା ଅଛି । କଟକ ଚଣ୍ଡୀଙ୍କ ବର୍ଣ୍ଣନାରେ କବି କହିଛନ୍ତି—

ହାଟକ-ଗଡ଼ରି କଟକ—
    ଚଣ୍ଡୀ ନାଗରୀ ବେଶେ
ଅମଳ ରଜତ-କୁସୁମ
    ଶୋଭେ ଶ୍ୟାମଳ କେଶେ ।

ରତି — ରତିପତିଙ୍କୁ ଲକ୍ଷ୍ୟ କରି କହିଛନ୍ତି—

ରୂପ ରଚନାରେ ବିରଞ୍ଚି-
    ଶିଳ୍ପ-ସୀମା ଏ ବେନି
ଅବନୀରେ ଅବା ଉପମା
    କହ କି ଦେବି ଯେନି ?

Digitized by PPRACHIN, SOA

ଯୌବନରେ ଅବସ୍ଥିତ୍ରୀ ଚନ୍ଦ୍ରଭାଗାଙ୍କ ରୂପବର୍ଣ୍ଣନା ସବୁଠାରୁ ମନୋଜ୍ଞ ।

ଯଥାକାଳେ ଅଙ୍ଗ ମଣ୍ଡିଲା
 ଅଭିନବ ଯୌବନ ।
ନେତ୍ର ଯୁଗେ ଯୁବା ପିଅନ୍ତି
 ଯେଉଁ ରୂପ-ଅମୃତ,
ସେ ଅମୃତେ କଲା ଯୌବନ
 ବାଳା ତନୁ ଧଉତ ।
ଶୋଭା ସେ ଲଭିଲା ଅପ୍ରସନ୍ନ
 ଦ୍ରବ୍ୟ ଶୋଭାକୁ ବଳି,
ଫୁଟିଲା ଲାବଣ୍ୟ-ସରସେ
 ନବ କମଳକଳି ।
ସ୍ୱଭାବେ ସୁବର୍ଣ୍ଣ, ଯୌବନ
 ହେଲା ଯୋଗ୍ୟ ରସାଣ,

ବାଲିବନ୍ତ ଉପରେ ପବନରେ କେତେ ଗୁଡ଼ିକଙ୍କ ଗଡ଼ି ଯାଉଛନ୍ତି । ହରିଣମାନେ ପଲ ପଲ ହୋଇ ବୁଲୁଛନ୍ତି । ଏହି ସମୟରେ ଚନ୍ଦ୍ରଭାଗା କନ୍ଦୁକକ୍ରୀଡ଼ାରେ ଲିପ୍ତ । ଏହି ଦୃଶ୍ୟ ବର୍ଣ୍ଣନା କରି କବି ଲେଖିଛନ୍ତି—

"ନାନାଜାତି ପୁଷ୍ପ-ପରାଗ ଧୀରେ ହରେ ସମୀର
ଗୁଡ଼ିକଙ୍କ ଯେନ କନ୍ଦୁକ-କ୍ରୀଡ଼ା କରେ ସମୀର ।
ଯୂଥ ଯୂଥ ହୋଇ ଭ୍ରମନ୍ତି ନାନାରଙ୍ଗେ ହରିଣ
ତରଙ୍ଗ ଗୃହାଣି ଗୃହାନ୍ତି ଗୃରୁଗ୍ରୀବା ତୋଳଣ ।

Digitized by PPRACHIN, SOA

କନ୍ଦୁକ କ୍ରୀଡ଼ାରେ ସୁନ୍ଦରୀ ଆଜ ରତ ଏ ସ୍ଥଳେ
ଉଠୁଛି ପଡ଼ୁଛି କନ୍ଦୁକ ଦ୍ରୁତ କର-କମଳେ ।
କନ୍ଦୁକର ଗତି କଳନ୍ତେ କ୍ରୀଡ଼ା-ଲୋଲଲୋଚନ-
ଚଳ-ଭ୍ରୂରୁ-ଦ୍ରୁତ-ନର୍ତ୍ତନ ଦିଶେ କିବା ଶୋଭନ !
ଲମ୍ବିତ ସୁଗୋଲ ନିତମ୍ବ-ବିମ୍ବେ ହେମ-ମେଖଳା,
ସ୍ତନାଙ୍କୁରେ ବ୍ୟସ୍ତେ ଦୋଳଇ ମୋତିମାଳା ତରଳା ।

ଚନ୍ଦ୍ରଭାଗାର ଲଲାଟରେ ସିନ୍ଦୂରବିନ୍ଦୁଟିକୁ ଲକ୍ଷ୍ୟ କରି ରାଧାନାଥ ଲେଖିଛନ୍ତି—

ଅର୍ଦ୍ଧେନ୍ଦୁ ଲଲାଟେ ସିନ୍ଦୂରବିନ୍ଦୁ ରମଇ ଆଖି,
ନୁହଇ ସିନ୍ଦୂର, ରହିଛି ସ୍ମର-ହୃଦୟ ଲଖି ।

ସୂର୍ଯ୍ୟଙ୍କ ପାର୍ଶ୍ୱରୁ ପଳାୟମାନା ଅସମ୍ଭାଳବେଶଭୂଷଣା ଚନ୍ଦ୍ରଭାଗାକୁ କବି କି ମନୋରମ ଭାବରେ ଚିତ୍ରଣ କରିଛନ୍ତି ।

ପଳାୟନେ ପୁଣି ସୁନ୍ଦରୀ ଦିଶେ ସୁନ୍ଦରତର,
ଅସମ୍ଭାଳ-ବେଶ-ଭୂଷଣେ ଆହା କି ମନୋହର !
ଶାଣ-ଶୀର୍ଣ୍ଣ ପ୍ରାୟେ ଅଙ୍ଗନା-ଅଙ୍ଗ ଦୃଢ଼ବଳନ
ବସନ ଉଡ଼ାଇ ଦେଖାଏ ରଙ୍ଗେ ସିନ୍ଧୁ ପବନ ।
ଚୁମ୍ବି ଚରଣକୁ ଚିକୁର-ରାଜି ଦୋଳେ ଚରମେ,
ମଦନ-କେତନ ଉଡ଼ଇ କିବା ଶୋଭା-ଆଶ୍ରମେ !

ଉଦ୍ଧୃତାଂଶଗୁଡ଼ିକୁ ପାଠ କଲେ କବିଙ୍କର ସୂକ୍ଷ୍ମଦୃଷ୍ଟି ତଥା ଭାଷାସୌଷ୍ଠବର ପରିଚୟ ମିଳିପାରିବ । ଉପେନ୍ଦ୍ରଭଞ୍ଜ ପ୍ରଭୃତି ମଧ୍ୟଯୁଗର କବିମାନେ ନାରୀରୂପବର୍ଣ୍ଣନାରେ ଯେପରି ଅସଂଯତ ହୋଇ ଶ୍ଳୀଳତାର ସୀମା ଲଙ୍ଘନ କରିଯାଇଅଛନ୍ତି, ରାଧାନାଥ ସେପରି କରି ନାହାନ୍ତି ।

Digitized by PPRACHIN, SOA

ରାଧାନାଥଙ୍କ କାବ୍ୟର ବୈଶିଷ୍ଟ୍ୟ

ରାଧାନାଥଙ୍କ କାବ୍ୟର ବିଷୟବସ୍ତୁ ଅନେକ ସ୍ଥଳରେ ବୈଦେଶିକ ବିଷୟବସ୍ତୁରୁ ଆହୃତ ହୋଇଥିଲେହେଁ କବିବର କିପରି ପ୍ରାଚ୍ୟ ଓ ପାଶ୍ଚାତ୍ୟର ସମନ୍ୱୟ କରି କାବ୍ୟ ଲେଖିଅଛନ୍ତି ତାହାର ସୂଚନା ଆଗରୁ ଦିଆଯାଇଅଛି । ବର୍ତ୍ତମାନ ତାଙ୍କ ରଚନାର କେତେକ ଦିଗ ପ୍ରତି ଦୃଷ୍ଟି ଦିଆଯାଉ ।

ମଧ୍ୟଯୁଗର ଓଡ଼ିଆ କବିମାନେ ସଂସ୍କୃତ କବିମାନଙ୍କୁ ଅନୁସରଣ କରି ନିଜ ନିଜ କାବ୍ୟ-ସୁନ୍ଦରୀଙ୍କୁ ବହୁଳ ଶବ୍ଦାଳଙ୍କାର ତଥା ଅର୍ଥାଳଙ୍କାରରେ ଆବୃତ କରି ପକାଉଥିଲେ । ଏ ପ୍ରକାର କାବ୍ୟ ପାଠପାଇଁ ପାଠକକୁ ପଦେ ପଦେ ଅଭିଧାନର ବା ଗୁରୁଙ୍କର ଆଶ୍ରୟ ନେବାକୁ ପଡ଼ୁଥିଲା । ଏଣୁ ଅଳଙ୍କାର ଓ କଠିନ ଶବ୍ଦ-ଦୁର୍ଗ ଭେଦ କରି କାବ୍ୟ ମଧ୍ୟରେ ପ୍ରବେଶ କରିବା ସାଧାରଣ ପାଠକ-ପକ୍ଷରେ ସମ୍ଭବ ନ ଥିଲା । ପୁଣି ଛନ୍ଦ ଓ ଅଳଙ୍କାରର ନିଗଡ଼ ବନ୍ଧନ ମଧ୍ୟରେ କାବ୍ୟର ସ୍ୱାଭାବିକ ସୌନ୍ଦର୍ଯ୍ୟ ଲୋପ ପାଇ ଯାଉଥିଲା । ଆଧୁନିକ ଯୁଗର ରମଣୀମାନେ ଯେପରି ସାମାନ୍ୟ ବେଶଭୂଷାରେ ସନ୍ତୁଷ୍ଟ ରହି ନିଜର ସ୍ୱାଭାବିକ ସୌନ୍ଦର୍ଯ୍ୟ ପ୍ରଦର୍ଶନ କରିବା ଉଚିତ ମନେ କରନ୍ତି, ରାଧାନାଥଙ୍କ କାବ୍ୟ ସେହିପରି ଅଳ୍ପ କେତୋଟି ଅର୍ଥାଳଙ୍କାରର ସମାବେଶରେ ମଣ୍ଡିତ । ସେହିପରି ଭାଷା ଅପେକ୍ଷାକୃତ ସରଳ ହୋଇଥିବାରୁ ଏହା ସାଧାରଣ ପାଠକର ମଧ୍ୟ ବୋଧଗମ୍ୟ । ସରଳ ହେଲେହେଁ ଏହା ପାଠକହୃଦୟରେ ରସସୃଷ୍ଟି କରି ତା'ର ମନ ହରଣ କରିବାକୁ କ୍ଷମ । ଏହି ସବୁ କାରଣରୁ ରାଧାନାଥଙ୍କ କବିତାର ଏତେ ଆଦର ।

Digitized by PPRACHIN, SOA

ପ୍ରକୃତିଚିତ୍ରଣ ରାଧାନାଥଙ୍କ କାବ୍ୟମାନଙ୍କର ଏକ ବିଶେଷତ୍ୱ । ଉତ୍କଳର ନଦନଦୀ, ହ୍ରଦ, ବନ ପର୍ବତ, ନଗର, ଜନପଦ ଯାହା କବିଙ୍କର ଦୃଷ୍ଟିରେ ପଡ଼ିଛି ତାକୁ ସେ କାବ୍ୟମାନଙ୍କରେ ବିଭିନ୍ନ ସ୍ଥଳରେ ବର୍ଣ୍ଣନା କରିଅଛନ୍ତି । ଏବେ ମଧ୍ୟ ଉତ୍କଳୀୟ କବି ଓ ଲେଖକମାନେ ପ୍ରକୃତିବର୍ଣ୍ଣନାରେ ରାଧାନାଥଙ୍କ ପଦାଙ୍କ ଅନୁସରଣ କରୁଅଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଓଡ଼ିଆ କବିତାରେ ଉପଧା ମିଳନରୀତି ରାଧାନାଥଙ୍କ ରଚନାର ଏକ ବିଶିଷ୍ଟ ଲକ୍ଷଣ । ଆଧୁନିକ ଯୁଗର ଅଧିକାଂଶ କବି ରାଧାନାଥଙ୍କୁ ଅନୁସରଣ କରି ଉପଧା ମିଳନ ରକ୍ଷି ଆସୁଅଛନ୍ତି । ପ୍ରାଚୀନ ଓଡ଼ିଆ କବିତାରେ ଯେ ଉପଧାମିଳନର ଉଦାହରଣ ନାହିଁ, ଏପରି ନୁହେଁ; କିନ୍ତୁ ଉପଧାମିଳନ କବିତାର ଅପରିହାର୍ଯ୍ୟ ଅଙ୍ଗରୂପେ ଗୃହୀତ ହୋଇ ନ ଥିଲା । ଅଳଙ୍କାର ପ୍ରୟୋଗ ପରି ଏହାର ବ୍ୟବହାର ସୀମାବଦ୍ଧ ଥିଲା, ମାତ୍ର ରାଧାନାଥ ଓ ତାଙ୍କ ଅନୁଚରମାନେ ଏହି ଉପଧାମିଳନକୁ କବିତାର ଏକ ଅପରିହାର୍ଯ୍ୟ ଅଙ୍ଗରୂପେ ଗ୍ରହଣ କରି ନେଇଅଛନ୍ତି ।

ରାଧାନାଥ ଜାତିପ୍ରାଣବ ଉଦ୍ରେକ କରିବାରେ କମ୍ ସାହାଯ୍ୟ କରିନାହାନ୍ତି । ଉତ୍କଳର ନଦନଦୀ, ହ୍ରଦ, ପର୍ବତ ପ୍ରଭୃତିକୁ କାବ୍ୟ-ମାନଙ୍କରେ ସ୍ଥାନ ଦେଇ ସେମାନଙ୍କ ପ୍ରତି ସାଧାରଣ ପାଠକର ଦୃଷ୍ଟି ଆକର୍ଷଣ କରିଅଛନ୍ତି । ଉତ୍କଳୀୟ ରାଜା-ରାଣୀ, ଦେବ-ଦେବୀ, ପ୍ରେମିକ-ପ୍ରେମିକା ପ୍ରଭୃତିଙ୍କୁ ଚରିତ୍ରରୂପେ ଗ୍ରହଣ କରି ରାଧାନାଥ ଜାତିପ୍ରୀତିର ପରିଚୟ ଦେଇଅଛନ୍ତି । ଅବଶ୍ୟ ଅନେକ କ୍ଷେତ୍ରରେ ଏହି ଚରିତ୍ରଗୁଡ଼ିକ ଉତ୍କଳୀୟ ବେଶଭୂଷାରେ ଅବତୀର୍ଣ୍ଣ ହେଲେହେଁ ଚତୁର ପାଠକ ନିକଟରେ ସେମାନଙ୍କ ବିଦେଶୀ ଚରିତ୍ର ଲୁଚି ରହିପାରେ ନାହିଁ । ଉତ୍କଳ ଇତିହାସର ପ୍ରସିଦ୍ଧ ସ୍ଥାନଗୁଡ଼ିକ

Digitized by PPRACHIN, SOA

ବିଷୟ ସେ କୌଶଳସହକାରେ ତାଙ୍କ କାବ୍ୟମାନଙ୍କରେ ସନ୍ନିବିଷ୍ଟ କରି ପାରିଛନ୍ତି; ଉତ୍କଳୀୟ କିମ୍ବଦନ୍ତୀଗୁଡ଼ିକ ମଧ୍ୟ ବହୁ ସ୍ଥଳରେ ପ୍ରବେଶ କରାଇ ଅଛନ୍ତି । ଏହି ସବୁରୁ ତାଙ୍କର ଜାତିପ୍ରୀତି ଜଣାଯାଏ । କାବ୍ୟ କବିତା ସାହାଯ୍ୟରେ ନିଜ ଦେଶ ଓ ନିଜ ଜାତିକୁ ଚିହ୍ନାଇବାର ଉଦ୍ୟମ ରାଧାନାଥ ହିଁ ପ୍ରଥମେ କରିଥିଲେ ।

ରାଧାନାଥଙ୍କ କାବ୍ୟର ଦୋଷଗୁଣ

ରାଧାନାଥ ଜୀବଦ୍ଦଶାରେ ଯେପରିଭାବରେ ସମାଲୋଚିତ ହୋଇଅଛନ୍ତି, ସେପରି ଅଳ୍ପ ଲେଖକଙ୍କ ଭାଗ୍ୟରେ ଘଟିଥିବ । ପୁଣି ସେହି ସମାଲୋଚକଙ୍କ ମଧ୍ୟରେ ତାଙ୍କର ପକ୍ଷରେ ଯେତିକ ବିପ-କ୍ଷରେ ତତୋଽଧିକ । ଏଥିରେ ଆଶ୍ଚର୍ଯ୍ୟର ବିଷୟ କିଛି ନାହିଁ । ପୁରାତନ ପନ୍ଥା ଛାଡ଼ି ଯେ ନୂତନ ପନ୍ଥା ବାହାର କରନ୍ତି, ତାଙ୍କ ଭାଗ୍ୟରେ ପ୍ରାୟ ଏହିପରି ଘଟିଥାଏ । ରାଧାନାଥଙ୍କ ବିରୋଧରେ ଯେଉଁ ସବୁ ସମାଲୋଚନା ହେଉଥିଲା, ଅନେକ ସ୍ଥଳରେ ସେସବୁ ତାଙ୍କ କାବ୍ୟକବିତାର ସୀମାକୁ ଅତିକ୍ରମ କରି କୁତ୍ସାରଟନା ସ୍ତରକୁ ଖସି ପଡ଼ୁଥିଲା ।

୧୮୮୬ ମସିହା ଫେବୃଆରୀ ମାସରେ ରାଧାନାଥଙ୍କ 'କେଦାର-ଗୌରୀ' ପ୍ରକାଶିତ ହୋଇଥିଲା । ପ୍ରାୟ ଦେଢ଼ବର୍ଷ ପରେ ୧୮୮୭ ସେପ୍‌ଟେମ୍ବର ମାସରେ 'ଚନ୍ଦ୍ରଭାଗା'ର ପ୍ରକାଶ । 'କେଦାରଗୌରୀ' ଉପରେ ଅନେକ କଟୁ ସମାଲୋଚନା କରାଯାଇଥିଲା । ଉତ୍କଳର ଅନ୍ୟତମ ସାହିତ୍ୟିକ ଚନ୍ଦ୍ରମୋହନ ମହାରଣା ରାଧାନାଥଙ୍କୁ ସମର୍ଥନ କରି ମଧ୍ୟ କେତେକ କଥା ଲେଖିଥିଲେ । 'ଚନ୍ଦ୍ରଭାଗା' ବାହାରିବା ପରେ ଜଣେ ସମାଲୋଚକ ଲେଖିଥିଲେ—

Digitized by PPRACHIN, SOA

"ଅଳ୍ପଦିନ ତଳେ 'କେଦାରଗୌରୀ' ନାମକ ଅଭିନବ କ୍ଷୁଦ୍ର କବିତା ଏହାଙ୍କଦ୍ୱାରା ରଚିତ ହୋଇଥିଲା । ସେ କବିତାର ମାଧୁର୍ଯ୍ୟ ଓ ରଚନାଭଙ୍ଗୀ ପ୍ରଭୃତି ଯେପରି ପାଠକମାନଙ୍କର ମନକୁ ଆକର୍ଷଣ କରିଥିଲା, ପ୍ରସ୍ତାବିତ ପୁସ୍ତକ ଖଣ୍ଡିକ ତତୋଽଧିକ ଚିତ୍ତାକର୍ଷକ ଅଟେ । ଏ ପୁସ୍ତକରେ ଉତ୍କଳ-ଦେଶର ପ୍ରଧାନତଃ ଯେଉଁଠାରେ ପ୍ରଧାନ ଦେବତା ଓ ପ୍ରଧାନ ମନ୍ଦିର ଅଛି, ଯେ ସ୍ଥାନ ଉତ୍କଳୀୟ-ମାନଙ୍କର ଗୌରବର ପ୍ରଧାନ ନିଦର୍ଶନ, । ସେ ସମସ୍ତ ସ୍ଥାନର ସଂକ୍ଷେପରେ ଉଲ୍ଲେଖ ହୋଇଅଛି । × × ।"

ଆଉ ଜଣେ ଲେଖିଥିଲେ —

" × × ଆମ୍ଭମାନଙ୍କ କବିଙ୍କ କଳ୍ପନାଶକ୍ତି ଅନ୍ୟପ୍ରକାର ଧାତୁରେ ନିର୍ମିତ ଅଟେ, ଅର୍ଥାତ୍ ସେହି କଳ୍ପନାଶକ୍ତି ଅଶ୍ରାବ୍ୟ,ଅପାଠ୍ୟ, ଜଘନ୍ୟ, ନୀଚ ଓ କଦର୍ଯ୍ୟ ଆଖ୍ୟାୟିକାମାନଙ୍କର ଜନ୍ମଦାତ୍ରୀ ଅଟେ । ଯେଉଁମାନେ ଚନ୍ଦ୍ରଭାଗା ପାଠ କରିଅଛନ୍ତି ସେମାନେ ଜାଣିପାରିଥିବେ ଯେ ସୂର୍ଯ୍ୟ ଦେବତା କପରି ଅସ୍ୱାଭାବିକ ଓ ଅସମ୍ଭାଳ ପ୍ରେମ ପ୍ରକାଶ-ପୂର୍ବକ ଚନ୍ଦ୍ରଭାଗା ଉପରେ ବଳ ପ୍ରକାଶ କରିବାରୁ ଚନ୍ଦ୍ରଭାଗାତୀର୍ଥର ଉତ୍ପତ୍ତି ହେଲା । ଯାହା କୌଣସି ଶାସ୍ତ୍ରରେ ନାହିଁ ତହିଁର ଅବତାରଣା କରି ଏପରି କଦର୍ଯ୍ୟ ଭାବରେ କଲେ ଯେ ଯଦ୍ଦ୍ୱାରା ପାଠକପାଠିକା-ମାନଙ୍କୁ କର୍ଣ୍ଣରେ ହାତ ଦେବାକୁ ପଡ଼ିଲା ଓ ପବିତ୍ର ଆର୍ଯ୍ୟତୀର୍ଥ ଓ ଧର୍ମ ପ୍ରତି କଳଙ୍କ ଆରୋପିତ ହେଲା । × ×"

ଏ ଦୁଇଟି ସମସାମୟିକ ସମାଲୋଚନାର ଦୁଇଟି ଦିଗ ପ୍ରଦର୍ଶନ କରେ । ଉପେନ୍ଦ୍ର ଭଞ୍ଜ ଓ ରାଧାନାଥଙ୍କୁ କେନ୍ଦ୍ର କରି ଇନ୍ଦ୍ରଧନୁ ଓ ବିଜୁଳି ନାମଧେୟ ଦୁଇଟି ସାମୟିକ ପତ୍ରିକାର ଜନ୍ମ ସମ୍ଭବପର ହୋଇପାରି-

Digitized by PPRACHIN, SOA

ଥିଲା । ରାଧାନାଥ ଏହି ଉଭୟଙ୍କ ବିବାଦ ଭଞ୍ଜନ ଉଦ୍ଦେଶ୍ୟରେ ଶେଷରେ ଲେଖିଥିଲେ—"ମୋହୋଠାରୁ ଭଞ୍ଜଙ୍କର ଅଧିକ ଅନୁକାଙ୍କ୍ଷୀ ପଦ୍ୟଲେଖକ ଓଡ଼ିଶାରେ ବୋଧହୁଏ ଅଳ୍ପ ବାହାରିବେ ।"

ଏହି ବିଂଶ ଶତାବ୍ଦୀର ପ୍ରଥମ ପାଦରେ ସତ୍ୟବାଦୀର ତରୁଣ କବିଦଳ ରାଧାନାଥଙ୍କ କାବ୍ୟକୁ କି ଦୃଷ୍ଟିରେ ଦେଖୁଥିଲେ ତାହା ପଣ୍ଡିତ ନୀଳକଣ୍ଠଙ୍କ ଉଦ୍ଧୃତ ପଦ୍ୟାଂଶରୁ ସୁସ୍ପଷ୍ଟ ହେବ ।

ରାଧାନାଥ ଓ ତାଙ୍କ ଚନ୍ଦ୍ରଭାଗା ବିଷୟରେ ଅଧିକ ଜାଣିବା-ପାଇଁ ନିମ୍ନଲିଖିତ ପୁସ୍ତକମାନ ସାହାଯ୍ୟକାରୀ ।

୧ । ଯୁଗପ୍ରବର୍ତ୍ତକ ସ୍ରଷ୍ଟା ରାଧାନାଥ—ଅଧ୍ୟାପକ ନଟବର ସାମନ୍ତରାୟ

୨ । ରାଧାନାଥ ଜୀବନୀ—ଶ୍ରୀ ଦୁର୍ଗାଚରଣ ରାୟ

୩ । ଚନ୍ଦ୍ରଭାଗା ଅଧ୍ୟୟନ —ଅଧ୍ୟାପକ ଦେବେନ୍ଦ୍ର ମହାନ୍ତି

Digitized by PPRACHIN, SOA

ଚନ୍ଦ୍ରଭାଗା

ରାଗ—ରାମକେରୀ

ଅଭିଷେକୋତ୍ସବ ଦର୍ଶନ—
ଆସେଣ ସିଂହଦୁଆରେ,
ବଜେ ଆଜ ଦେବ-ଦେବୀଏ
ଯେଣ୍ଟା ପୂଜାସମ୍ଭାରେ । ୧ ।

କେତକ-କାନନ-ସଙ୍କୁଳ
ରମ୍ୟ ସିକତାସ୍ଥଳ
ଛୁଡ଼ି ହରଚଣ୍ଡୀ ଆଗତ
ଆଜ ଶ୍ରୀନୀଳାଚଳ ।୨ ।

---

୧ । ଅଭିଷେକୋତ୍ସବ—ପୌଷ ମାସରେ ଅନୁଷ୍ଠିତ ଜଗନ୍ନାଥଙ୍କର ଉତ୍ସବ ବିଶେଷ; ପୂଜାସମ୍ଭାର—ପୂଜାସାମଗ୍ରୀ ।

୨ । କେତକ-କାନନ-ସଙ୍କୁଳ—କେତକୀବନପରିପୂର୍ଣ୍ଣ; ସିକତାସ୍ଥଳ—ବାଲୁକାମୟ ସ୍ଥାନ; ହରଚଣ୍ଡୀ—ଚିଲିକାତୀରରେ ହରଚଣ୍ଡୀ ଠାକୁରାଣୀଙ୍କ ମନ୍ଦିର ଅବସ୍ଥିତ; ଶ୍ରୀ ନୀଳାଚଳ—ପୁରୀଧାମ, ଶ୍ରୀକ୍ଷେତ୍ର ।

Digitized by PPRACHIN, SOA

ଭଗବତୀ ବାଣପୁରରୁ
ଉପନୀତ ସ୍ୱଗଣେ,
ଶୋଲଣ୍ଡୀ ଦେଖାଇ ସ୍ୱମୁଖ
ଯହିଁ ହ୍ରଦ-ଦର୍ପଣେ । ୩ ।
ପ୍ରଭାମଣ୍ଡଳରେ ମଣ୍ଡିତ
ତନୁ କନକ ଗୋରୀ,
ତୈଲଙ୍ଗୀ ବସନ ଭୂଷଣେ
ପୁଣି ହସଇ ଗୋରୀ । ୪ ।
ଉଭା ସେ ଭୁବନ-ଈଶ୍ୱରୀ
ହେମଗିରିବାସିନୀ,
ଏକାମ୍ରକାନନ-ଦେବତା
ବନପୁଷ୍ପଶୋଭିନୀ । ୫ ।
ନରେନ୍ଦ୍ର-ନନ୍ଦନ-କୁସୁମ—
ରେଣୁ-ରକ୍ତଚରଣା,
ମୈନାକଶିଖର-ବାସିନୀ
ରଣପୁର-ମଣ୍ଡନା । ୬ ।

---

୩ । ଭଗବତୀ—ବାଣପୁରର ଅଧିଷ୍ଠାତ୍ରୀ ଦେବୀ; ଶୋଲଣ୍ଡୀ—ଚିଲିକା-ତୀରରେ ଅବସ୍ଥିତ ପର୍ବତ ବିଶେଷ; ହ୍ରଦ— ଚିଲିକାହ୍ରଦ ।

୪ । କନକ—ସୁବର୍ଣ୍ଣ; ଭୂଷଣ—ଅଳଙ୍କାର; ଗୋରୀ—ସୁନ୍ଦର ।

୫ । ଭୁବନେଶ୍ୱରୀ—ଭୁବନେଶ୍ୱରର ଅଧିଷ୍ଠାତ୍ରୀ ଦେବୀ, ହେମଗିରି—ପୁରାଣମାନଙ୍କରେ ଭୁବନେଶ୍ୱର 'ସ୍ୱର୍ଣ୍ଣାଦ୍ରି' ନାମରେ କଥିତ; ଏକାମ୍ରକାନନ—ଭୁବନେଶ୍ୱର ।

୬ । ନରେନ୍ଦ୍ର— ରଣପୁର ରାଜାଙ୍କର ଉପାଧି; ମୈନାକ—ରଣପୁରରେ ଅବସ୍ଥିତ ପର୍ବତ । ଏଠାରେ ରଣପୁରର ଅଧିଷ୍ଠାତ୍ରୀ ଦୁର୍ଗା ଦେବୀ ଅଛନ୍ତି ।

Digitized by PPRACHIN, SOA

ନାୟକ-ଅର୍ଚ୍ଚିତ-ଚର୍ଚ୍ଚିକା—
ଦେବୀ ବାର୍କି-ଈଶ୍ୱରୀ,
ମହାନଦୀ-କୂଳେ ଯାହାଙ୍କ
ଅଧିଷ୍ଠାନ ଶିଖରୀ । ୭ ।

ମଣ୍ଡନ୍ତ ବଦନମଣ୍ଡଳ
ଯେନ୍ତୁ ସଦା ସୁହାଗେ,
ସରଣ୍ଡା-ଦର୍ପଣ ଅଂଶୁପା
ଶତଦଳ ପରାଗେ । ୮ ।

ବରୁଣୀ-ଶଇଳ ଶିଖରେ
ମୁଣି ଯେନ୍ତୁ ବସନ୍ତ,
ଧୂଅନ୍ତ ଯାହାଙ୍କ ଚରଣ
ଝର-ଲହରୀପନ୍ତ । ୯ ।

ଏକାନ୍ତେ ସୁକାନ୍ତ ତନୁଜା—
ଝର-ଶୈଳବହାର,
ଗୁଣ୍ଡ ଦେବୀଦ୍ୱାର ଚଣ୍ଡିକା
ବଜେ ସିଂହଦୁଆର । ୧୦ ।

---

୭ । ବାର୍କି-ଈଶ୍ୱରୀ—ଚର୍ଚ୍ଚିକା ଠାକୁରାଣୀ ବାର୍କୀର ଅଧିଷ୍ଠାତ୍ରୀ ଦେବୀ । ଏହାଙ୍କର ଆସ୍ଥାନ ମହାନଦୀ ତଟବର୍ତ୍ତୀ ।

୮ । ସରଣ୍ଡା-ଦର୍ପଣ-ଅଂଶୁପା—ଅଂଶୁପା ବା ଆଈଶିପାହ୍ରଦ ସରଣ୍ଡା ପର୍ବତର ପାଦଦେଶରେ; ଏଥିରେ ସରଣ୍ଡା ପ୍ରତିବିମ୍ବିତ ହୁଏ ।

୯ । ବରୁଣୀ—ଖୋରଧାର ବରୁଣେଇ ପାହାଡ଼ । ଏଥିରେ ବରୁଣେଇ ଠାକୁରାଣୀ ଅଛନ୍ତି ।

୧୦ । ସୁକାନ୍ତ-ତନୁଜା—ମହାନଦୀ; କମ୍ବଦନ୍ତୀ ଅଛି ଯେ ସୁକାନ୍ତ ମହର୍ଷିଙ୍କ ତପଃ ପ୍ରଭାବରୁ ମହାନଦୀର ଉତ୍ପତ୍ତି । ଦେବୀଦ୍ୱାର-ମହାନଦୀ-ତୀରରେ ଉମପଡ଼ାରେ ଅବସ୍ଥିତ ।

Digitized by PPRACHIN, SOA

ହାଟକ- ଗଉଣ୍ଠ କଟକ—
　　　　　　　　ଚଣ୍ଡୀ ନାଗଣ୍ଠବେଶେ,
ଅମଳ ରଜତକୁସୁମ
　　　　　　　　ଶୋଭେ ଶ୍ୟାମଳକେଶେ । ୧୧ ।

ସଙ୍କଟତାରଣୀ ଝଙ୍କଡ଼—
　　　　　　　　ଦେବୀ ସିଂହ-ଶାରଳା,
ଭଲ୍ଲୁକ-ଶ୍ୱକଟ କାକଟ—
　　　　　　　　ପୁର ମହାମଙ୍ଗଳା । ୧୨ ।

ଚିଲିକା-ଲହରୀ-ମାଳିକା—
　　　　　　　　ଭେଦ ଗିରିଉର୍ତ୍ଥିତ,
ଚଉଦରେ ମିଳ ଚିଲିକା—
　　　　　　　　ବକ୍ଷ ତରଙ୍ଗାପ୍ଲୁତ । ୧୩ ।

ଚନ୍ଦ୍ରାଲୋକେ ଯହିଁ ନଶୀଥେ
　　　　　　　　ଜଳଦେବୀ- ସଙ୍ଗୀତ
ଶୁଣନ୍ତ ଚକତେ ନାବିକେ
　　　　　　　　ଦୂରେ ବାହୁଁ ବୋଇତ । ୧୪ ।

---

୧୧ । ହାଟକ—ସୁବର୍ଣ୍ଣ; କଟକଚଣ୍ଡୀ—କଟକର ଅଧିଷ୍ଠାତ୍ରୀ ଦେବୀ; ଅମଳ—ମଳିନତାହୀନ ।

୧୨ । ଶାରଳା—ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ; ଉତ୍କଳରେ ବିଦ୍ୟାଦାତ୍ରୀ ରୂପେ ପୂଜିତା ।

୧୩ । ମଙ୍ଗଳା—କାକଟପୁରର ଅଧିଷ୍ଠାତ୍ରୀ ଦେବୀ; କାକଟପୁରର ଜଙ୍ଗଲରେ ବହୁସଂଖ୍ୟକ ଭଲ୍ଲୁ ଦେଖାଯାଉଥିଲେ ।

Digitized by PPRACHIN, SOA

କାଳିଜାଈ ଦେବୀ ଆଗତ
ଗୁଡ଼ ସେ ଗିରିଚୂଡ଼ା
ଦିଶଇ ପରମ-ମଞ୍ଜୁଳ
ଶିରେ ଚୈଲଙ୍ଗୀ ଜୁଡ଼ା ।୧୫ ।

ମହୋଦଧି-ଫେନପୁଞ୍ଜରୁ
ଜାତ ଯେତେ ଅପ୍ସରୀ,
ରମାଙ୍କର ବାଲ୍ୟସଙ୍ଗିନୀ
ସିନ୍ଧୁ-ଶିରୀ ସୁନ୍ଦରୀ । ୧୬ ।

ସବିତା, କୋଣାର୍କ-ଦେବତା
ନବଗ୍ରହ-ବେଷ୍ଟିତ,
ମହତେଜଃପୁଞ୍ଜବିଗ୍ରହ
ସିଂହଦ୍ୱାରେ ଶୋଭିତ । ୧୭ ।

ରତି, ରତିପତି ସେଠାବେ
ଆସି ମିଳିଲେ ଶେଷେ,
ଆଣିଥିଲେ ପୁଷ୍ପଭୂଷଣ
ସିନ୍ଧୁସୁତା-ଆଦେଶେ । ୧୮ ।

---

୧୫ । କାଳିଜାଈ—ଚିଲିକା ଭିତରେ କାଳିଜାଈ ପାହାଡ଼ରେ ଥିବା ଠାକୁରାଣୀ; ମଞ୍ଜୁଳ—ସୁନ୍ଦର ।

୧୬ । ରମା—ଲକ୍ଷ୍ମୀ ସମୁଦ୍ରରୁ ଜାତ ।

୧୭ । ସବିତା—ସୂର୍ଯ୍ୟ; ନବଗ୍ରହ— ରବି, ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି, ରାହୁ, କେତୁ ।

୧୮ । ରତିପତି—କାମଦେବ, କନ୍ଦର୍ପ; ସିନ୍ଧୁସୁତା—ଲକ୍ଷ୍ମୀ ।

Digitized by PPRACHIN, SOA

ରୂପ ରଚନାରେ ବିରଞ୍ଚି—
ଶିଳ୍ପସୀମା ଏ ବେନ,
ଅବନୀରେ ଅବା ଉପମା
କହ କି ଦେବ ଯେନ ? । ୧୯ ।

ପ୍ରତିହାରୀ ଜୟ ବିଜୟ
ଛାଡ଼ିଦେଲେ ସରଣୀ,
ପଛେ ଆସି ଆଗେ ପଶିଲେ
ସ୍ମର, ସ୍ମରରମଣୀ । ୨୦ ।

ସ୍ୱଭାବେ ସର୍ବ ବେନଙ୍କ
ଗତି ଅପ୍ରତିହତ,
ସୂର୍ଯ୍ୟ ନ ବୁଝିଲେ ଏ କଥା
ହେଲେ ମର୍ମ-ଆହତ । ୨୧ ।

ମହୋତ୍ସବ ସାରି ସକଳେ
ସ୍ୱର୍ଗଦ୍ୱାରେ ମିଳିଲେ,
ଯେଝା ପୁର ଯିବା ମାନସେ
ନିଜ ଯାନେ ଚଢ଼ିଲେ । ୨୨ ।

ବେଗେ ଦେବ-ଦେବୀ ସ୍ୱପୁରେ
ଗଲେ ନ ପାହୁଁ ନିଶି,
ସିନ୍ଧୁଜାତ ଯେତେ ଅପ୍ସରୀ
ଗଲେ ତରଙ୍ଗେ ମିଶି । ୨୩ ।

---

୧୯ । ବିରଞ୍ଚି—ବ୍ରହ୍ମା; ଅବନୀ—ପୃଥିବୀ ।
୨୦ । ପ୍ରତିହାରୀ—ଦ୍ୱାରରକ୍ଷକ; ସରଣୀ—ପଥ, ବାଟ ।
ସ୍ମର—କନ୍ଦର୍ପ, ସ୍ମର-ରମଣୀ—ରତି ।
୨୧ । ଅପ୍ରତିହତ—ବାଧାହୀନ ।

Digitized by PPRACHIN, SOA

ଯିବାବେଳେ ରବି କାମଙ୍କୁ
କୋପ-ଚକ୍ଷୁରେ ଚୁହିଁ,
କହିଲେ, "ଛଡ଼ାଇ ଦେବଟି
ତୋର ଏହି ବଡ଼ାଇ । ୨୪ ।

ସ୍ତ୍ରୈଣଜନ ମନ ମଜାଇ
ତୋର ଏଡ଼େ ଗୁମାନ ?
ତେଜସ୍ୱି-ଧର୍ଷଣ-ପ୍ରମାଦେ
ଝନେ ଯିବ ତୋ ପ୍ରାଣ । ୨୫ ।

ହର-କୋପାନଳେ ଥରେ ତୁ
ଜଳିଥିଲୁ ମଦନ
ପୁଣି ଜଳିବାକୁ ଏ ଦେହେ
ଘଗ୍ ବଳାଉଛି ମନ । ୨୬ ।

ସଂସାରେ ଯାବତ କଳଙ୍କ
ତା'ର ଅଟୁ କରତା,
ନାରୀ, ନାରୀରଙ୍କ ନରଙ୍କ
ତୁହି ଅଟୁ ଦେବତା । ୨୭ ।

---

୨୪ । ବଡ଼ାଇ—ଗର୍ବ ।

୨୫ । ସ୍ତ୍ରୈଣ—ନାରୀର ବଶବର୍ତ୍ତୀ ପୁରୁଷ; ଗୁମାନ— ଅଭିମାନ,ଗର୍ବ ପ୍ରମାଦ—ଦୋଷ,ଭ୍ରମ ।

୨୬ । ହର କୋପାନଳେ· · ·ମଦନ—ପୁରାଣରେ ବର୍ଣ୍ଣିତ ଅଛି ଯେ ଉମା ଶିବଙ୍କୁ ପତିରୂପେ ପାଇବାକୁ ତପସ୍ୟା କରିଥିଲେ । କନ୍ଦର୍ପ ଶିବଙ୍କୁ ପୁଷ୍ପଶର ମାରି ଉମାଙ୍କ ପ୍ରତି ଅନୁରକ୍ତ କରାଇ ଥିଲେ । ସେଥିପାଇଁ ଶିବ କନ୍ଦର୍ପଙ୍କୁ ଭସ୍ମ କରି ଦେଇଥିଲେ ।

Digitized by PPRACHIN, SOA

ଗୁର ଫୁଲଧନୁ ଧର ତୁ
 ସୁରେ ବୋଲାଉ ଶୂର,
ଲଜ୍ଜା ଯାର ନାହିଁ ପାରେ ସେ
 ହେଲେ ଜିଣି ତ୍ରିପୁର" । ୨୮ ।

ଶୁଣି ସୂର୍ଯ୍ୟବାଣୀ କହନ୍ତି
 ହସି ହସି ମଦନ,
"ଜଗତେ କେ ଲଙ୍ଘି ପାରିବ
 ଫୁଲଧନୁ-ଶାସନ ? । ୨୯ ।

ଯେତେଡ଼ି ଦମ୍ଭ କର ହେଲେ ମୁଁ
 ଦମ୍ଭ ହରିବ ଦିନେ,
ତୁମ୍ଭ ପ୍ରତିକୂଳେ ତୁମ୍ଭଙ୍କୁ
 ସାକ୍ଷୀ କରିବ ଦିନେ । ୩୦ ।

ତମୋଦମ୍ଭହର ଜଗତେ
 ତୁମ୍ଭ କର ସରି କେ ?
ଦର୍ପି-ଦମ୍ଭ ହର ତେସନେ
 ଫୁଲଶର ସରି କେ ? । ୩୧ ।

---

୨୮ । ସୁର— ଦେବତା; ଶୂର— ବୀର; ତ୍ରିପୁର—ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ।

୨୯ । ଫୁଲ-ଧନୁ—କନ୍ଦର୍ପ; କନ୍ଦର୍ପଙ୍କ ଧନୁ ପୁଷ୍ପ ନିର୍ମିତ, ତେଣୁ ତାଙ୍କୁ ପୁଷ୍ପଧନ୍ୱା କହନ୍ତି ।

୩୧ । ତମଃ—ଅନ୍ଧକାର; କର—କିରଣ । ଦମ୍ଭୀ—ଗର୍ବୀ; ଫୁଲଶର—କନ୍ଦର୍ପର ପଞ୍ଚଶର; ପଞ୍ଚପୁଷ୍ପରେ ନିର୍ମିତ (ଅରବିନ୍ଦ, ଅଶୋକ ଚୂତ, ନବମାଳିକା, ନୀଳୋତ୍ପଳ)

Digitized by PPRACHIN, SOA

ଦାରୁଭେଦକ୍ଷମ ଭ୍ରମର
ପଶି କମଳ-କୋଳେ,
ପାସୋରେ ଆପଣା ବିକ୍ରମ
ପ୍ରେମ-ମୋହନ-ଖେଳେ । ୩୨ ।

ସୁକୁମାରପଣେ ନଳିନୀ
ଭୁଲେ କେ ଅଛୁ ଆନ ?
ତା ସଙ୍ଗେ ଛନ୍ଦିଲା ତୁମ୍ଭକୁ
ସିନା ଫୁଲକମାଣ ? । ୩୩ ।

ଯେ ଯେତେ ତେଜସ୍ୱୀ ତା ତେଜ
ମୋତେ ଅଛଇ ଜଣା,
ଫୁଲଶର ଆଗେ ପଡ଼ିଲେ
ବୁଦ୍ଧି ହୁଅଇ ବଣା” । ୩୩ ।

ଏହା କହି ଦେବ କୁସୁମ—
ଧନୁ ପ୍ରିୟା-ସଙ୍ଗତେ,
ଅନ୍ତରୀକ୍ଷେ ଲୁଚି ରହିଲେ
ମୀନକେତନ-ରଥେ । ୩୫ ।

---

୩୨ । ଦାରୁ-କାଷ୍ଠ, ବିକ୍ରମ—ଶକ୍ତି ।

୩୩ । ନଳିନୀ—ପଦ୍ମ; ଫୁଲକମାଣ—କନ୍ଦର୍ପ (ଫୁଲନିର୍ମିତ କମାଣ ବା ଧନୁ ଯାହାର ।)

୩୫ । ଅନ୍ତରୀକ୍ଷ—ଆକାଶ; ମୀନକେତନ ରଥ—କନ୍ଦର୍ପଙ୍କ ରଥରେ ମୀନଚିହ୍ନିତ ପତାକା ଥିବା କଳ୍ପନା କରାଯାଏ ।

Digitized by PPRACHIN, SOA

ପ୍ରତିକ୍ଷଣ ଦେବ ପାଞ୍ଚିଲେ
ପ୍ରତିଶୋଧ ଭିଆଣ,
ବେଲେଶ୍ୱରେ ଦିବ୍ୟ ସୁଯୋଗ
ଜାଣି ଶାଣିଲେ ବାଣ । ୩୬ ।

ସୁମନ୍ୟୁ ନାମରେ ପରଶୁ-
ରାମ ଶିଷ୍ୟପ୍ରବର,
ମହୋଦଧି ତଟରେ ସମାଧି—
ଯୋଗେ ଥିଲେ ତତ୍ପର । ୩୭ ।

ଚନ୍ଦ୍ରଭାଗା-ନାମେ ଦୁହିତା
ସେହି ଋଷି ପ୍ରଭବେ,
ସାଗର-ଅପ୍ସରା-ଗର୍ଭରୁ
ଜନ୍ମିଥିଲା ସେଠାବେ । ୩୮ ।

ପାଳିଲେକ ଅତି ଯତନେ
ଯତି କନ୍ୟାରତନ,
ଯଥାକାଳେ ଅଙ୍ଗ ମଣ୍ଡିଲା
ଅଭିନବ ଯୌବନ । ୩୯ ।

ନେତ୍ରଯୁଗେ ଯୁବା ପିଅନ୍ତି
ଯେଉଁ ରୂପ-ଅମୃତ,
ସେ ଅମୃତେ କଲା ଯୌବନ
ବାଳା-ତନୁ-ଧଉତ । ୪୦ ।

---

୩୬ । ବେଲେଶ୍ୱର—ପୁରୀଠାରୁ ୮, ୧୦ ମାଇଲ ଦୂରରେ ସମୁଦ୍ର-କୂଳରେ ବେଲେଶ୍ୱର ମହାଦେବଙ୍କ ମନ୍ଦିର ।

Digitized by PPRACHIN, SOA

ଶୋଭା ସେ ଲଭିଲା ଅପ୍ସରୀ
ଦିବ୍ୟ ଶୋଭାକୁ ବଳି,
ଫୁଟିଲା ଲାବଣ୍ୟ-ସରସେ
ନବ କମଳ-କଳୀ । ୪୧ ।

ସ୍ୱଭାବେ ସୁ-ବର୍ଣ୍ଣ, ଯୌବନ
ହେଲା ଯୋଗ୍ୟ ରସାଣ,
ରୂପାସ୍ତ୍ରର ହେଲା ରୂପସୀ
ଷଷ୍ଠ ଅମୋଘ ବାଣ । ୪୨ ।

ସତ୍ୟେ ଶକୁନ୍ତଳା ଯେମନ୍ତ
ରୂପରାଜ୍ୟେ ଅତୁଲା,
ଚନ୍ଦ୍ରଭାଗା ହେଲା କଳିରେ
ଦିବ୍ୟ ଶୋଭା-ପିତୁଳା । ୪୩ ।

ଥିଲେ ଚନ୍ଦ୍ରଭାଗା ଜନନୀ
ପୂର୍ବେ ବାଲ୍ୟ ସମୟେ,
ପ୍ରିୟ ସହଚରୀ ରମାଙ୍କ
ଘର ବରୁଣାଳୟେ । ୪୪ ।

---

୪୧ । ଦିବ୍ୟ—ସ୍ୱର୍ଗୀୟ ; ଲାବଣ୍ୟ—ଅପୂର୍ବକାନ୍ତି;

୪୨ । ରସାଣ ଦ୍ୱାରା ସ୍ୱର୍ଣ୍ଣ ରୌପ୍ୟାଦିର ଔଜ୍ଜ୍ୱଲ୍ୟ ବୃଦ୍ଧି ପାଏ । ରୂପାସ୍ତ୍ର—ରୂପହିଁ ଅସ୍ତ୍ର ଯାହାର ଅର୍ଥାତ୍ କାମଦେବ; ଅମୋଘ—ଅବ୍ୟର୍ଥ ।

୪୩ । ସତ୍ୟେ—ସତ୍ୟ ଯୁଗରେ ।

୪୪ । ବରୁଣାଳୟ—ସମୁଦ୍ର; ଲକ୍ଷ୍ମୀ ସମୁଦ୍ରରେ ଥିବା ପୁରାଣ-ପ୍ରସିଦ୍ଧ ।

Digitized by PPRACHIN, SOA

ସଖୀ-ଅନୁରୋଧେ ଇନ୍ଦିରା
ଦେଲେ କୋଠଭଣ୍ଡାରୁ,
ଚନ୍ଦ୍ରଭାଗା ପାଇଁ ବିବିଧ
ବସ୍ତ୍ର ଭୂଷଣ ଗୁରୁ । ୪୫ ।

କୁମୁଦ-ହାସିନୀ ସୌନ୍ଦର୍ଯ୍ୟ—
ମଦେ ସଦା ବିହ୍ୱଳ,
ପ୍ରମୋଦେ ଭ୍ରମଇ ପ୍ରମଦା
ସଦା ବିଜନ ସ୍ଥଳ । ୪୬ ।

ବିଷ ପ୍ରାୟେ ପ୍ରେମ-ପ୍ରସଙ୍ଗେ
ସଦା ଅରୁଚି ତା'ର,
ପୁରୁଷ କଥାକୁ ଡରେ ସେ,
କରେ ଦୂରୁ ଜୁହାର । ୪୭ ।

କିନ୍ତୁ ରୂପ ଥିଲେ ପ୍ରଚ୍ଛନ୍ନେ
କେବେ ରସିକ ଛାଡ଼େ ?
ମଧୁ ଥିଲେ ପୁଷ୍ପେ ଯତନେ
ଖୋଜି ମଧୁପ କାଢ଼େ । ୪୮ ।

ଯେ ଅଟେ ଜଗତ ଜନର
ମନ-ନୟନ-କାରା;
ଅପ୍ରକଟ ହୋଇ ରହିବା—
ପାଇଁ କାହିଁ ତା ଚାରା ? ୪୯ ।

---

୪୫ । ଇନ୍ଦିରା—ଲକ୍ଷ୍ମୀ ; ଗୁରୁ—ସୁନ୍ଦର ।

୪୬ । କୁମୁଦ-କଇଁ ; ହାସ ଶୁକ୍ଳ ବର୍ଣ୍ଣ ବୋଲି କବି ପ୍ରସିଦ୍ଧ ଅଛୁ ; ପ୍ରମୋଦ—ଆନନ୍ଦ; ପ୍ରମଦା—ରମଣୀ ।

୪୮ । ପ୍ରଚ୍ଛନ୍ନେ—ଗୋପନରେ ; ମଧୁପ—ଭ୍ରମର ।

୪୯ । କାରା—ବନ୍ଦଶାଳା ; ଅପ୍ରକଟ—ଲୁକ୍କାୟିତ ।

Digitized by PPRACHIN, SOA

ରୂପ-ଆକର୍ଷଣ ପ୍ରବଳ
ନରେ କବା ଅମରେ,
ଭୈମୀ-ସ୍ୱୟମ୍ବରେ ପ୍ରମାଣ
ହୋଇଅଛୁ ସତ୍ୟରେ । ୫୦ ।
ମଧୁର ପ୍ରଦୋଷ ସମୟୁ
ସ୍ୱର୍ଣ୍ଣକିରଣ ବୋଳା,
କାଦମ୍ବିନୀ ଖେଳେ ଗଗନେ
ଧୀର ସମୀର ଲୋଳା । ୫୧ ।
ଗୋଧୂଳି-ଗଗନ ସୁଚନ୍ଦ
ଦିଶେ ଶତ ବରଣେ,
ଶତ ମନୋରଥ ଝୁଲକେ
ଯେହ୍ନେ ଆଶା-କାନନେ । ୫୨ ।
କଇଁସାଚଲତା-ଶ୍ୟାମଳ
ବାଳ-ସ୍ତୂପର ଛାୟା,
ଦିବା ଅବସାନ ଦେଖିଣ
ହମେ ବସ୍ତାରେ କାୟା । ୫୩ ।
ବାରୁଣୀ-ଦର୍ପଣ ପର୍ଯ୍ୟେ
ଝୁଲେ ସର-ସଲିଳ,
ସୁବର୍ଣ୍ଣ-ଲହରୀ ସୃଜଇ
ତହିଁ ମନ୍ଦ ଅନିଳ । ୫୪ ।

---

୫୦ । ଅମର—ଦେବତା । ଭୈମୀ—ଭୀମ ରାଜାଙ୍କ କନ୍ୟା ଦମୟନ୍ତୀ; ଏହାଙ୍କୁ ଲାଭ କରିବା ପାଇଁ ଇନ୍ଦ୍ରାଦି ଦେବତାମାନେ ଏହାଙ୍କ ସ୍ୱୟମ୍ବରକୁ ଛଦ୍ମବେଶରେ ଯାଇଥିଲେ ।

୫୧ । ପ୍ରଦୋଷ—ସନ୍ଧ୍ୟା ; କାଦମ୍ବିନୀ—ମେଘ ; ଲୋଳା—ଚଞ୍ଚଳା ।

୫୪ । ଅନିଳ—ବାୟୁ ।

Digitized by PPRACHIN, SOA

ନୀଳ ପାରାବାର ଅଦୂରେ
ଗାଏ ଅମର ଗୀତ,
ଅମର ତରଙ୍ଗ-ନର୍ତ୍ତନେ
ବେଳା ହୁଏ ଧ୍ୱନିତ । ୫୫ ।

ଶୁକ୍ତି ତାରକିତ-ସୈକତେ
ଫେନଚୂଡ଼-ଲହରୀ,
ଚୁମ୍ବି ଚନ୍ଦ୍ରଚୂଡ଼-ଚରଣ
ସ୍ତରେ ସ୍ତରେ ସଞ୍ଚର । ୫୬ ।

ନାନାଜାତି ପୁଷ୍ପ-ପରାଗ
ଧୀରେ ହରେ ସମୀର,
ଗୁଡ଼କଙ୍କ ଯେମନ କନ୍ଦୁକ—
କ୍ରୀଡ଼ା କରେ ସମୀର । ୫୭ ।

ଯୂଥ ଯୂଥ ହୋଇ ଭ୍ରମନ୍ତି
ନାନାରଙ୍ଗେ ହରିଣୀ,
ତରଙ୍ଗ-ଗୃହାଣି ଗୃହାନ୍ତି
ଗୃହୁ ଗ୍ରୀବା ତୋଳିଣ । ୫୮ ।

---

୫୫ । ପାରାବାର—ସମୁଦ୍ର; ଧ୍ୱନିତ—ଶବ୍ଦାୟମାନ ।

୫୬ । ଶୁକ୍ତି—ଶାମୁକା; ସୈକତ—ବାଲୁକା; ଫେନଚୂଡ଼—ଫେନ ଚୂଡ଼ାରେ ଯାହାର; ଚନ୍ଦ୍ରଚୂଡ଼—ଶିବ ।

୫୭ । ପରାଗ—ରେଣୁ; କନ୍ଦୁକ—ପେଣ୍ଡୁ ।

୫୮ । ଯୂଥ ଯୂଥ—ପଲପଲ; ତରଙ୍ଗ—ଲହରୀପରି ଚଞ୍ଚଳ; ଗ୍ରୀବା—ବେକ; ତୋଳି—ଟେକି ।

Digitized by PPRACHIN, SOA

କନ୍ଦୁକ-କ୍ରୀଡ଼ାରେ ସୁନ୍ଦରୀ
ଆଜ ରତ ଏ ସ୍ଥଳେ,
ଉଠୁଛି ପଡ଼ୁଛି କନ୍ଦୁକ
ଘରୁ କର-କମଳେ । ୬୯ ।
କନ୍ଦୁକର ଗତି କଳନ୍ତେ
କ୍ରୀଡ଼ା-ଲୋଲ-ଲୋଚନ,
ଚଳ-ଭ୍ରୂ-ଗୁରୁନର୍ତ୍ତନ
ଦିଶେ କିବା ଶୋଭନ । ୭୦ ।
ଲମ୍ବିତ ସୁଗୋଲ ନିତମ୍ବ—
ବନ୍ଧେ ହେମ-ମେଖଳା,
ସ୍ତନାଙ୍କରେ 'ବ୍ୟସ୍ତେ' ଦୋଳଇ
ମୋତିମାଳା ତରଳା । ୭୧ ।
ଶ୍ରବଣେ ଦୋଳଇ କୁଣ୍ଡଳ,
ଦୋଳେ ନୀଳ ଅଳକ,
ଲାବଣ୍ୟଦର୍ପଣ ପରାୟେ
ଝଲେ ଗଣ୍ଡ-ଫଳକ । ୭୨ ।
ଅର୍ଦ୍ଧେନ୍ଦୁ ଲଲାଟେ ସିନ୍ଦୂର—
ବିନ୍ଦୁ ରମଇ ଆଖି,
ନୁହଇ ସିନ୍ଦୂର, ରହିଛି
ସ୍ମର ହୃଦୟ ଲାଖି । ୭୩ ।

---

୭୦ । ଲୋଲ—ଚଞ୍ଚଳ; ଭ୍ରୂ—ଭ୍ରୂଲତା ।
୭୧ । ନିତମ୍ବ—କଟିଦେଶ; ହେମ ମେଖଳା—ସ୍ୱର୍ଣ୍ଣନିର୍ମିତ କଟିସୂତ୍ର (ଚନ୍ଦ୍ର ହାର) ।
୭୨ । ଅଳକ—ଚୂର୍ଣ୍ଣ କୁନ୍ତଳ ।
୭୩ । ସ୍ମର—କନ୍ଦର୍ପ; ଏଠାରେ ସିନ୍ଦୂର ବିନ୍ଦୁଟି କନ୍ଦର୍ପର ହୃତ୍ପିଣ୍ଡ-ରୂପେ କଳ୍ପିତ ।

Digitized by PPRACHIN, SOA

ଦଶନ-ଅଂଶୁକ ମିଶଇ
ନାସାମଣି-ଅଂଶୁକେ,
ମୃଗମଦବନ୍ଦୁ ସୁନ୍ଦର
ଶୋଭେ ଗୁରୁ ଚବୁକେ । ୬୪ ।

କାମ-କାଳକୂଟ-କାଳିମା
ଭ୍ରୂଯୁଗଳ ଧରେ,
ପ୍ରବାଳ-ଲତା କି ଅଧର,
ଆହା, ରୂପସାଗରେ । ୬୫ ।

ବିଳାସ-ବିଲୋଳ-ଲୋଚନ—
ତାରା କନ୍ଦୁକ ସଙ୍ଗେ,
ଉଦ୍‌ବେଗେ ଭ୍ରମଇ ଚୌଦିଗେ
କିବା ମଧୁର ରଙ୍ଗେ । ୬୬ ।

ଲୁଟେ ଯୁବ-ଧୈର୍ଯ୍ୟ କବଚ
ପ୍ରତି କଟାକ୍ଷ ଶରେ,
ଉଠେ ନବ ଶୋଭା-ତରଙ୍ଗ
ପ୍ରତି ଅଙ୍ଗଭଙ୍ଗୀରେ । ୬୭ ।

ଅସମ୍ଭାଳେ ଫିଟି କୁନ୍ତଳ
ଭୂମି ଯାଏ ପରଶି,
ଯେସଣେ ଅନାଉନ୍ତି ଲଳନା
ଫୁଲ ଯାଏ ବରଷି । ୬୮ ।

---

୬୪ । ଅଂଶୁକ—ଜ୍ୟୋତି । ମୃଗମଦ—କସ୍ତୁରୀ; ଚିବୁକ—ଓଠ ।
୬୫ । କାଳକୂଟ—ବିଷ; ପ୍ରବାଳ—ପୋହଳା ।
୬୬ । ବିଲୋଳ—ଅତି ଚଞ୍ଚଳ ।
୬୭ । ଧୈର୍ଯ୍ୟକବଚ—ଧୈର୍ଯ୍ୟରୂପକ ସାଞ୍ଜୁ ।
୬୮ । କୁନ୍ତଳ—କେଶ ।

Digitized by PPRACHIN, SOA

ଦୁକୂଳ କବରୀ ସମ୍ଭାଳୁ—
ଅଛୁ ଦକ୍ଷିଣେ ତରେ,
ଫିଙ୍ଗୁଛି ଧରୁଛି କନ୍ଦୁକ
ବାମା ଦକ୍ଷିଣ-କରେ । ୬୯ ।

ଶୋଭା-ସଦନାକୁ ମଦନ
ଦେଖି ହେଲେ ହରଷ,
ପ୍ରତିଫଳ ଦେବେ ରବିଙ୍କି
ମନେ ହେଲା ସାହସ । ୭୦ ।

ଅର୍କ କୋଣାର୍କରୁ ଏକାଳେ
ଆସୁଥିଲେ ଆକାଶେ,
ନୟନ ତାଙ୍କର ଦଇବେ
ଗଲା ସୁନ୍ଦରୀ ପାଶେ । ୭୧ ।

ବନ୍ଧୁକ- ଅଧରୀ କନ୍ଦୁକ
ଫିଙ୍ଗି କର ପଠାଇ,
ଘୂରୁ ଭ୍ରମୁ ରଙ୍ଗେ ନଗ୍ନଇ
ଦେଲା ଊର୍ଦ୍ଧ୍ୱକୁ ଘୂରହିଁ । ୭୨ ।

---

୬୯ । ଦୁକୂଳ—ସୂକ୍ଷ୍ମପଟ୍ଟବସ୍ତ୍ର, ଦକ୍ଷିଣେତର—ବାମ [ବାଆଁ ହାତ], ବାମା—ରମଣୀ ।

୭୦ । ଶୋଭାସଦନା—ସୌନ୍ଦର୍ଯ୍ୟର ଆଧାରରୂପିଣୀ ଚନ୍ଦ୍ରଭାଗା ।

୭୧ । କୋଣାର୍କ—ନରସିଂହଦେବଙ୍କ ଦ୍ୱାରା ନିର୍ମିତ ସୂର୍ଯ୍ୟମନ୍ଦିର ।

୭୨ । ବନ୍ଧୁକ-ଅଧରୀ—ବନ୍ଧୁଳି ଫୁଲ ପରି ରକ୍ତବର୍ଣ୍ଣ ଅଧର ଯାହାର ।

Digitized by PPRACHIN, SOA

ଏଣୁ କାଳେ ଦୃଷ୍ଟି ରବଙ୍କ
ବାଳାବର ବଦନେ
ପଡ଼ିଲା, ଉଡ଼ିଲା ହୃଦୟ,
ଧୈର୍ଯ୍ୟ ବୁଡ଼ିଲା କ୍ଷଣେ । ୭୩ ।

ଉଭା ଶୋଭା ଦେଖି ରବଙ୍କ
ଭାବ-ସିନ୍ଧୁ ଉଚ୍ଛଳେ,
ଅବସର ଏବେ ବୁଝିଲେ
ମନୋଭବ କୌଶଳେ । ୭୪ ।

ଫୁଲକାଣ୍ଡ ଫୁଲକୋଦଣ୍ଡ
ଗୃଣ୍ଡେ ଆକର୍ଣ୍ଣ ଟାଣି,
ସମ୍ମୋହନ ବାଣେ ରବଙ୍କ
ଦେଲେ ହୃଦୟ ହାଣି । ୭୫ ।

ବପଶ୍ଚାତେ ମୀନକେତନ
ଖଞ୍ଜି ସେ ଫୁଲଶର,
ବଗେ ମୃଗାକ୍ଷିଗଞ୍ଜିନୀ-
ତନୁ କଲେ ଜର୍ଜର । ୭୬ ।

---

୭୪ । ମନୋଭବ—କନ୍ଦର୍ପ ।

୭୫ । କାଣ୍ଡ – ଶର ; ଫୁଲକାଣ୍ଡ—ଫୁଲନିର୍ମିତ ଶର ଯାହାର ଅର୍ଥାତ୍ କନ୍ଦର୍ପ; କୋଦଣ୍ଡ—ଧନୁ ; ଗୃଣ୍ଡେ – ଶୀଘ୍ର; ଆକର୍ଣ୍ଣ – କାନ ପର୍ଯ୍ୟନ୍ତ ।

୭୬ । ମୀନକେତନ—କନ୍ଦର୍ପ; ମୃଗାକ୍ଷିଗଞ୍ଜିନୀ—ଯାହାର ଚକ୍ଷୁ ମୃଗର ଚକ୍ଷୁଠାରୁ ସୁନ୍ଦର; ତନୁ—ଶରୀର ।

Digitized by PPRACHIN, SOA

ଅନୁରାଗ ମନେ ଉପୁଜେ
ଯେଉଁ କୁସୁମବାଣେ,
ଓଲଟା ଯୋଖିଲେ ସେ ବାଣ
ପୁଣି ବିରାଗ ଆଣେ । ୭୭ ।
ଫଳେ ଅନୁରାଗ, ବିରାଗ
କଙ୍କପତ୍ରେ ତାହାର,
ପରିଣାମେ ତେଣୁ ବିରସ
ମନୋଭବ ବିକାର । ୭୮ ।
ବିପ୍ରଯୁବା ବେଶେ ମିହିର
ବାଳା-ସମୀପେ ଗଲେ,
ସ୍ୱର୍ଣ୍ଣତାଳ ପ୍ରାୟ ଶରୀର
ତରୁଦଳ ଉଜଳେ । ୭୯ ।
ମେରୁଗିରି-ତଟେ ଅମର-
ଧୁନୀ ଯଥା ଶୋଭିତ,
ଶୁଭ୍ର ଉପବୀତ ତେସନ
ସ୍କନ୍ଧଦେଶେ ଲମ୍ବିତ । ୮୦ ।
ମିହିରଙ୍କୁ ଦେଖି ନିକଟେ
ନାସା-ମୁକୁଟ-ହୀର,
ବେଗେ ପଳାଇଲା ଛଇଳା
ଲଜ-ଭୟେ ଅଧୀର । ୮୧ ।

---

୭୮ । କଙ୍କପତ୍ର—ଶର ।
୭୯ । ମିହିର—ସୂର୍ଯ୍ୟ ।
୮୦ । ଅମର ଧୁନୀ—ସୁରନଦୀ, ଗଙ୍ଗା; ଉପବୀତ—ପଇତା ।

Digitized by PPRACHIN, SOA

ବିଦ୍ୟୁତ୍ବରମା ବିଦ୍ୟୁତ—
ବେଗେ ଧାଏଁ ବେଳାରେ,
ଯେତେ ଦୂର ଯାଏ ରବିଙ୍କ
ମନ ତେତେ ଓଠାରେ । ୮୨ ।

ଅଧୀରେ ସହସ୍ର-ଦୀଧିତି
ଧୀରୁ ପଛେ ଗୋଡ଼ାଇ,
ଧର୍ମକ ସମ୍ବୋଧି କାତର—
ସ୍ୱରେ କହନ୍ତି ରାଇ । ୮୩ ।

—"କାହିଁ ପଳାଉଛୁ ସୁନ୍ଦର !
ହୋଇ ଏଡ଼େ କାତର,
ଚରଣକଙ୍କର ଜନକୁ
କହିଁ ଏଡ଼େ ତୋ ଡର ? ୮୪ ।

ଚଞ୍ଚଳାକ୍ଷି ! ତୁ କ ପାଇଲୁ
ମୋତେ ବ୍ରାହ୍ମଣ କରି ?
ବଞ୍ଚାଇ ରଖିଛୁ ବିଶ୍ୱକୁ
ଦିନା ତେଜ ମୋହରି । ୮୫ ।

ବିଶ୍ୱଚକ୍ଷୁ ମୁହିଁ ତପନ,
ତ୍ୱିଷାମ୍ପତି ମୋ ନାମ,
ପ୍ରାଣପୁଞ୍ଜ ଯେତେ ଜଗତେ
ତା'ର ଅଟେ ମୁଁ ଧାମ । ୮୬ ।

---

୮୩ । ସହସ୍ର ଦୀଧିତ—ସୂର୍ଯ୍ୟ; ସମ୍ବୋଧି—ସମ୍ବୋଧନକରି; ରାଇ—ଡାକ
୮୪ । ଚରଣକଙ୍କର—ପାଦସେବକ ।
୮୫ । ବିଶ୍ୱ—ସଂସାର ।
୮୬ । ତ୍ୱିଷାମ୍ପତି—ସୂର୍ଯ୍ୟ; ଧାମ—ଆଧାର ।

Digitized by PPRACHIN, SOA

ବନ୍ଧା ମୋର ସ୍ନେହ-ରଜ୍ଜୁରେ
ଏହି ଗ୍ରହସୃଜନ,
ଛିଣ୍ଡିଲେ ସେ ରଜ୍ଜୁ ଉତ୍ପାତେ
ସର୍ବେ ହେବେ ନିଧନ । ୮୭ ।

ବର୍ଷ ମାସ ଦିନ ନିଚୟର
ମୁହିଁ ଅଟେ ଅଧିପ,
ଖଟନ୍ତି ଋତୁଏ ସେବକ—
ପ୍ରାୟେ ମୋର ସମୀପ । ୮୮ ।

ଚିତ୍ରକର ପ୍ରାୟେ ମୋ କର
ଚିତ୍ରୁଅଛି ସଂସାର,
ଚହୁଁ ନବଶୋଭା-ତରଙ୍ଗ
ଭବେ ଉଠେ ଅପାର । ୮୯ ।

ଅସଂଖ୍ୟ କ୍ଷତ୍ରିୟ ଭୂପତି
ମୋର ବଂଶସମ୍ଭୂତ,
ପୂତ କଲେ ବଂଶ ଏ ବଂଶେ
ଜନ୍ମ ଲଭି ଅଚ୍ୟୁତ । ୯୦ ।

---

୮୭ । ରଜ୍ଜୁ—ଡୋରି; ଗ୍ରହସୃଜନ—ମନୋହର ସୃଷ୍ଟି ।

୮୮ । ଅଧିପ—ପ୍ରଭୁ; ସମୀପ—ନିକଟ ।

୮୯ । କର—କିରଣ ।

୯୦ । ସମ୍ଭୂତ—ଜାତ, ପୂତ—ପବିତ୍ର; ଅଚ୍ୟୁତ—ଭଗବାନ ସୂର୍ଯ୍ୟବଂଶରେ ରାମଚନ୍ଦ୍ର ରୂପରେ ଜନ୍ମିଥିଲେ ।

Digitized by PPRACHIN, SOA

କୋଣାର୍କକ୍ଷେତ୍ରରେ ମୋହର
ଏହି ଭୁଙ୍ଗ ମଧୁର,
ଉତ୍କଳ-ଦେବୀଙ୍କ ମୁକୁଟେ—
ପ୍ରାୟେ ରାଜେ ରୁଚିର । ୯୧ ।
ସୁରତରୁ-କୁଞ୍ଜେ ମଞ୍ଜୁଳ
ମୋର ମୈତ୍ରେୟ ବନ,
କୁସୁମ-ସମ୍ପଦେ ବିରାଜେ
ଯହିଁ ଋତୁରାଜନ । ୯୨ ।
ଭୋଜରାଜସୁତା ଲଭିଲା
ମୋତେ ଭଜି ଦ୍ୱାପରେ,
ମହାବୀର୍ଯ୍ୟବନ୍ତ କୁମର
ନର-ହର୍ଯ୍ୟକ୍ଷ ନରେ । ୯୩ ।
ମନ୍ତ୍ରବଳେ କୁନ୍ତୀ ଆକର୍ଷି
ମୋତେ ଆଣିଣ ଥିଲା,
ଆଣିଲୁ ଲାବଣ୍ୟ-ରଜ୍ଜୁରେ
ବାନ୍ଧି ତୁହି ଛଇଲା । ୯୪ ।

---

୯୧ । ଭୁଙ୍ଗ—ଅଛୁଚ ।

୯୨ । ସୁରତରୁ—ପୁନ୍ନାଗ (ପୋଲଙ୍ଗ); ମୈତ୍ରେୟବନ—ପୁରାଣରେ ବର୍ଣ୍ଣିତ ହୋଇଥିବା କୋଣାର୍କ ନିକଟବର୍ତ୍ତୀ ବନ । ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଏହି ବନରେ ତପସ୍ୟା କରି କୁଷ୍ଠରୋଗରୁ ମୁକ୍ତ ହୋଇଥିଲେ; ଋତୁରାଜନ—ବସନ୍ତ ।

୯୩ । ଭୋଜରାଜସୁତା—କୁନ୍ତୀ; ବୀର୍ଯ୍ୟବନ୍ତ—ବଳଶାଳୀ, କୁମର—ପୁତ୍ର, ଏଠାରେ କର୍ଣ୍ଣଙ୍କୁ ଲକ୍ଷ୍ୟ କରାଯାଇ ଅଛି । ହର୍ଯ୍ୟକ୍ଷ—ସିଂହ ।

Digitized by PPRACHIN, SOA

ରାଜରାଜେଶ୍ୱରୀ ସୁଷମା-
ରାଜ୍ୟେ ତୁମ୍ଭ ସୁନ୍ଦର !
ଛାୟାମୟୀ ଛାୟା ନୁହେଁ ତୋ
ଦାସୀ-ପଣକୁ ସର । ୯୫ ।
ପ୍ରଦକ୍ଷିଣ କରେ ମୋ ରଥ
ନିତ୍ୟ ମେରୁ ପର୍ବତ,
ଅସଂଖ୍ୟ ଅପ୍‌ସରା ଦେଖିଲେଁ
ବେଶଭୂଷାରେ ରତ । ୯୬ ।
ଦେଖିନାହୁଁ କେବେ ଏମନ୍ତ
ମନୋହର ମାଧୁରୀ,
ଶୋଭା ଦେଖି ଶୋଭା-କମଳା
ଦୁଃଖେ ମରିବେ ଝୁରି । ୯୭ ।
ନୟନ ନିମେଷ-ବିହୀନ
କରି ରଚିଲେ ବିଧି,
ସାର୍ଥକ କଲୁ ଏ ବାଧକ
ତୁମ୍ଭ ଲାବଣ୍ୟନିଧି । ୯୮ ।
ଶତ୍ରୁ ମୁଁ ନୁହଇ ତୋହର,
କର ଯୋଡ଼ି ମାଗଇ,
ସ୍ଥିର ହୁଅ, ମୃଦୁ ଚରଣେ
ବଡ଼ ବ୍ୟଥା ଲାଗଇ । ୯୯ ।

---

୯୫ । ସୁଷମା—ସୌନ୍ଦର୍ଯ୍ୟ; ଛାୟା—ସୂର୍ଯ୍ୟଙ୍କ ପତ୍ନୀ ।

୯୮ । ନିମେଷବିହୀନ ନୟନ—ସୂର୍ଯ୍ୟ ଦେବତା ହୋଇଥିବାରୁ ତାଙ୍କ ଆଖିର ପତା ପଡ଼େ ନାହିଁ; ବାଧକ—ବାଧାନକୁ; ଲାବଣ୍ୟନିଧି—ଅପୂର୍ବ ସୌନ୍ଦର୍ଯ୍ୟର ଆଧାର ।

୯୯ । ମୃଦୁ—କୋମଳ ।

Digitized by PPRACHIN, SOA

ତହୁଁ ବଳି ବ୍ୟଥା ଲାଗଇ
ବାଳା ! ହୃଦେ ମୋହୋର,
ସୁକୁମାରୀ ହୋଇ କଷଣ
ଏତେ ଲଭିଲୁ ଗୋର ! ୧୦୦ ।
ମୁହିଁ ମାଡ଼ କାଳେ କଗୁଡ଼
ବାଳା, ପଡ଼ିବୁ ଝୁଣ୍ଟି,
କୁଶାଙ୍କୁର ଯିବ କୋମଳ
ଗୁରୁ ଚରଣେ ଫୁଟି । ୧୦୧ ।
ସଞ୍ଚାଣ ମୁଖରୁ କପୋତ
ଏହିରୂପେ ପଳାଏ,
ଶ୍ୱାନଠାରୁ ଖାରୁ ଶଶକ
ପ୍ରାଣ-ବଳକଳେ ଧାଏଁ । ୧୦୨ ।
ସିଂହଠାରୁ ଖଚର ଡଳାଏ
ମୃଗ ଏରୂପେ ସିନା,
କଣା କଙ୍କରକୁ ଏ ଶଙ୍କା
କପାଁ କରୁ ନବୀନା ? । ୧୦୩ ।
ରଖ ଏ ଜୀବନ ସେବକ-
ପଦେ ବର, ସୁନ୍ଦର !
ତୋହ ଦୟା ବିନା ଗଲଟି
ନଷ୍ଟେ ସର, ସୁନ୍ଦର !" ୧୦୪ ।

---

୧୦୨ । ଶଶକ—ଠେକୁଆ ।
୧୦୩ । ନବୀନା—ତରୁଣୀ ।

Digitized by PPRACHIN, SOA

ବୃଥା ହେଲା ଏତେ ମିନତି
ଏତେ ଗୁଟୁ ବଚନ,
ପଳାଇଲା ଋଷିକୁମାରୀ
ବେଗେ ହୋଇ ଉଛନ୍ନ । ୧୦୫ ।

ବିରାଗେ ଧାଇଁଛି ଲଳନା,
ରାଗେ ଲୋକଲୋଚନ,
ବେନି ଭାବ ବେନି ହୃଦୟେ
କରେ ବେଗ ବର୍ଦ୍ଧନ । ୧୦୬ ।

ମାୟାବିପ୍ର ରୂପେ ପଶ୍ଚାତେ
ଅନୁସରନ୍ତି ହରି ।
ଡୋରିଲଗ୍ନ ଥୋପ ଯେସନ
ଅନୁସରେ ଶଫରୀ । ୧୦୭ ।

ପଳାୟନେ ପୁଣି ସୁନ୍ଦରୀ
ଦିଶେ ସୁନ୍ଦରତର,
ଅସମ୍ଭାଳ-ବେଶ-ଭୂଷଣ
ଆହା କି ମନୋହର । ୧୦୮ ।

ଶାଣ-ଶୀର୍ଣ୍ଣ ପ୍ରାୟେ ଅଙ୍ଗନା-
ଅଙ୍ଗ ଗୁରୁ ବଳନ,
ବସନ ଉଡ଼ାଇ ଦେଖାଏ
ରଙ୍ଗେ ସିନ୍ଧୁ-ପବନ । ୧୦୯ ।

---

୧୦୬ । ଲଳନା—ରମଣୀ; ରାଗେ—ଅନୁରାଗରେ; ଲୋକଲୋଚନ
—ସୂର୍ଯ୍ୟ ।
୧୦୭ । ହରି—ସୂର୍ଯ୍ୟ; ଶଫରୀ—ଦଣ୍ଡିକିରି ମାଛ ।
୧୦୯ । ଶାଣ-ଶୀର୍ଣ୍ଣ—ଶାଣଦ୍ୱାରା କ୍ଷୀଣ; ବଳନ—ଗଠନ ।

Digitized by PPRACHIN, SOA

ଚୁମ୍ବି ଚରଣକୁ ଚକୁର-
ରାଜ ଦୋଳେ ଚରମେ,
ମଦନ-କେତନ ଉଡ଼ଇ
କବା ଶୋଭା-ଆଶ୍ରମେ ? ୧୧୦ ।

କଳବାକୁ ଏହ୍ନ ସୌନ୍ଦର୍ଯ୍ୟ
ଧୈର୍ଯ୍ୟ ସୂର୍ଯ୍ୟଙ୍କୁ କାହିଁ ?
ନ ଧଣ୍ଲେ ସେହ୍ନ ବାଳୀକୁ
ତାଙ୍କ ତ୍ରାହ୍ନ ତ ନାହିଁ ! ୧୧୧ ।

ହେମାଙ୍ଗ ହଳଦ୍ୱାବସନ
ଦେଖି ଯେହ୍ନେ ସଞ୍ଚାଣ
ଅନ୍ତରୀକ୍ଷେ ଧାଏଁ ସଳଖେ
କ୍ଷଣପ୍ରଭା ସମାନ । ୧୧୨ ।

ଜୀବନ ବକଳେ ସଭୟେ
ଖରେ ଧାଏଁ ଦୁର୍ବଳ,
ଖରତର ବେଗେ ଜୀବକା—
ଆଶେ ଧାଏଁ ପ୍ରବଳ । ୧୧୩ ।

ମୁହୁଃ ଚଞ୍ଚୁନ ସଞ୍ଚାଣ
ପକ୍ଷୁଁ କରେ ବିସ୍ତାର,
ମଣେ କରଗତ ପଲକେ
ପରା ହେଲା ଶିକାର । ୧୧୪ ।

---

୧୧୦ । ଚକୁର—କେଶ; ଚରମ—ପୃଷ୍ଠଦେଶ; କେତନ—ପତାକା ।
୧୧୧ । ତ୍ରାହ୍ନ—ରକ୍ଷା ।
୧୧୨ । ଅନ୍ତରୀକ୍ଷ—ଆକାଶ; କ୍ଷଣପ୍ରଭା—ବଜୁଳି ।
୧୧୪ । ମୁହୁଃ – ବାରମ୍ବାର, ଚଞ୍ଚୁ—ଥଣ୍ଟ ।

Digitized by PPRACHIN, SOA

ହଳଧାବସନ୍ତ ଏକାନ୍ତ
ପ୍ରାଣ-ଭୟେ ଅସ୍ଥିର,
କ୍ଷଣେ ଧୃତ, କ୍ଷଣେ ମୁକତ
ମଣେ ନିଜ-ଶରୀର । ୧୧୫ ।
କାଞ୍ଚନ-ପୁଚ୍ଛକୁ ସଞ୍ଚାଣ-
ଚଞ୍ଚୁ କ୍ଷଣେ ମରଣେ,
ଚଞ୍ଚଲେ ଏଡ଼ାଇ ଶିକାର
କ୍ଷଣେ ଡର୍ପିଂକେ ଖେଦେ । ୧୧୬ ।
ଏହି ରୂପେ ହରି ଧାଆନ୍ତି
ପ୍ରେମବେଗେ ବହ୍ୱଳ,
ଅବଳା ବାଳାକୁ ଏରୂପେ
ଖିଡ଼ ଦିଅଇ ବଳ । ୧୧୭ ।
ହରିଣ-ଲୋଚନା ଏରୂପେ
ଧାଏଁ ଉତ୍ତରମୁଖେ,
ଉତ୍ପକ୍ଷ୍ମଲୋଚନେ ହରିଣେ
ଦୂରୁ ଦେଖନ୍ତି ଦୁଃଖେ । ୧୧୮ ।
ଅତି ଦ୍ରୁତବେଗେ ଦଉଡ଼ି
ଅବସାଦେ ଜଡ଼ିତ,
ଊର୍ଦ୍ଧ୍ୱଶ୍ୱାସେ ଧନୀ ଉଦଧି-
କୂଳେ ହେଲା ସ୍ଥଗିତ । ୧୧୯ ।

---

୧୧୬ । କାଞ୍ଚନପୁଚ୍ଛ—ସୁନେଲି ରଙ୍ଗର ପୁଚ୍ଛ; ଡର୍ପିଂକେ—ତେର୍ଚ୍ଛା ଭାବରେ ।

୧୧୭ । ହରି—ସୂର୍ଯ୍ୟ ।

୧୧୮ । ଉତ୍ପକ୍ଷ୍ମ ଲୋଚନେ—ଆଖିର ପତାକୁ ଉପରକୁ ଉଠାଇ ।

୧୧୯ । ଉଦଧି—ସମୁଦ୍ର ।

Digitized by PPRACHIN, SOA

କଣ୍ଠାଗତପ୍ରାଣ କାରୁଣ୍ୟ-
ମୂର୍ତ୍ତି ପ୍ରାୟେ ବରାଙ୍ଗୀ,
ହାତ ଯୋଡ଼ି ନିଜ ମାତାଙ୍କୁ
କହେ ଉଦ୍ଦେଶେ ଡାକି । ୧୨୦ ।
"ଦୁଃଖ ଫେଡ଼ ମୋର ଜନନି !
ହର ଏ ରୂପ ମୋର,
ବିଭୂଷଣ ହୋଇ ହେଲା ଏ
ସିନା ଦୂଷଣ ଘୋର । ୧୨୧ ।
ଦିବ୍ୟ ରୂପ ତୋର, ତା ସଙ୍ଗେ
ଅଛି ଦିବ୍ୟ ଶକତି,
ଶକ୍ତିହୀନ ରୂପ କେବଳ
ସିନା ଲଭେ ଦୁର୍ଗତି । ୧୨୨ ।
ଭୂତଧାତ୍ରି ମାତଃ ବସୁଧେ !
ଦ୍ୱିଧା ହୁଅ ତୁ ଲବେ,
ଶରଣ ସମ୍ଭାଳ, ଆଶ୍ରୟ
ମୋତେ ଦିଅ ଗରଭେ ।" । ୧୨୩ ।
ଏମନ୍ତ କହନ୍ତେ ଉଠିଲା
ଉର୍ମି ପର୍ବତାକାର,
ମିଲ ବାହୁ ମିଲ ସାଗର
କିବା କଲେ ବିସ୍ତାର । ୧୨୪ ।

---

୧୨୦ । ବରାଙ୍ଗୀ—ଉତ୍ତମା ନାରୀ; ଉଦ୍ଦେଶେ—ଲକ୍ଷ୍ୟ କରି ।
୧୨୩ । ଭୂତଧାତ୍ରୀ—ଜୀବମାନଙ୍କର ପାଳନ କାରିଣୀ; ବସୁଧା—ପୃଥିବୀ; ଦ୍ୱିଧା—ଦୁଇଭାଗ; ଲବ—ଲେଶ ।
୧୨୪ । ଉର୍ମି—ଲହରୀ ।

Digitized by PPRACHIN, SOA

ମହାକଳରବେ ଉଡ଼ିଲେ
ନଭେ ଜଳବିହଙ୍ଗ,
ବେଳାମୁଖେ ମାଡ଼ିଆସିଲା
ବିଶ୍ୱଗ୍ରାସୀ ତରଙ୍ଗ । ୧୨୫ ।
ମିଶିଯାଏ ଯଥା ପ୍ରଭଞ୍ଜ—
ତାର ରବ-କରଣେ,
ମିଶିଯାଏ ଯଥା ଜୀବାତ୍ମା
ବିଶ୍ୱ-ଆତ୍ମା-ଚରଣେ । ୧୨୬ ।
ମିଶିଯାଏ ଯଥା ଚପଳା
ନୀଳ ଜଳଦ-ଅଙ୍ଗେ,
ମିଶିଗଲା ତଥା ଅବଳା
ସେହି ନୀଳ ତରଙ୍ଗେ । ୧୨୭ ।
ସ୍ତମ୍ଭୀଭୂତ ହୋଇ ରହିଲେ
ରବି ମହାବିସ୍ମୟେ,
ଭୟ ଏତେଦିନେ ପଶିଲା
ଭୟଶୂନ୍ୟ ହୃଦୟେ । ୧୨୮ ।
ଘନଘୋଷ ପ୍ରାୟେ ଏ କାଳେ
ହେଲା ଶବ୍ଦ ଭୈରବ,
ଚକିତେ ଗୃହିଁଲେ ପଶ୍ଚିମେ
ପ୍ରଭୁ ଅବ୍ଜ-ବାନ୍ଧବ । ୧୨୯ ।

---

୧୨୭ । ଚପଳା—ବିଜୁଳି; ଜଳଦ—ମେଘ ।
୧୨୯ । ଘନଘୋଷ—ମେଘ ଗର୍ଜନ; ଭୈରବ—ଭୀଷଣ;
ଅବ୍ଜ-ବାନ୍ଧବ —ପଦ୍ମମାର ବନ୍ଧୁ, ସୂର୍ଯ୍ୟ ।
୧୩୨ । ଦେବଶିଳ୍ପୀ—ବିଶ୍ୱକର୍ମା ।

Digitized by PPRACHIN, SOA

ଭୂମିସାତ ଦେବ ଦେଖିଲେ
　　　　　　　　ନିଜ ପ୍ରିୟ ଦେଉଳ,
ଉତ୍କଳଭୁବନେ ଦେଉଳେ
　　　　　　　　ଯାହା ଥିଲା ଅତୁଳ । ୧୩୦ ।
ଧ୍ୟାନଯୋଗେ ଜାଣି ସୂନନ୍ୟ
　　　　　　　　ସୂର୍ଯ୍ୟ- କାର୍ଯ୍ୟକଳାପ,
କୋପାନଳେ ଜଳି ତପସ୍ୱୀ
　　　　　　　　ଦେଲେ ଦାରୁଣ ଶାପ । ୧୩୧ ।
ସେହି ଶାପ-ଯୋଗୁଁ ପଡ଼ିଲା
　　　　　　　　ତଳେ ଦେଉଳରାଜ,
ଦେବୁଁ ଦେବଶିଳ୍ପୀ ଯା ଦେଖି
　　　　　　　　ଲଭୁଥିଲେକ ଲାଜ । ୧୩୨ ।
ବିଷମ କୁସୁମକୋଦଣ୍ଡ-
　　　　　　　　ଦଣ୍ଡ ଲଣ୍ଡଣ ଭଲେ,
ବିମନା ହୋଇଣ ମାର୍ତ୍ତଣ୍ଡ
　　　　　　　　ଗଲେ ନିଜ-ମଣ୍ଡଳେ । ୧୩୩ ।
କୋଣାର୍କ କ୍ଷେତ୍ରରୁ ଉଠିଲା
　　　　　　　　ଅର୍କପୂଜା-ବିଧାନ,
ପରିଣତ ହେଲା ସେଦିନୁ
　　　　　　　　ମରୁ-ରୂପେ ସେ ସ୍ଥାନ । ୧୩୪ ।

---

୧୩୨ । ଦେବଶିଳ୍ପୀ—ବିଶ୍ୱକର୍ମା

୧୩୩ । ବିଷମ—ବିଯୋଡ଼; କନ୍ଦର୍ପର ଧନୁରେ ପାଞ୍ଚପ୍ରକାର ପୁଷ୍ପଥାଏ। କୁସୁମକୋଦଣ୍ଡ—କନ୍ଦର୍ପ; ବିମନା—ବିଷର୍ଣ୍ଣ; ମାର୍ତ୍ତଣ୍ଡ – ସୂର୍ଯ୍ୟ ।

୧୩୪ । ଅର୍କ—ସୂର୍ଯ୍ୟ ।

Digitized by PPRACHIN, SOA

ସେ ପୂର୍ବ-ଗୌରବ-ସାକ୍ଷିଣୀ
ମୁଖଶାଳା ମାତର,
ପ୍ରତିଧ୍ୱନି ଛଳେ ପାନ୍ଥକୁ
ଏବେ ଦିଏ ଉତ୍ତର । ୧୩୫ ।

---

୧୩୫ । ପୂର୍ବ-ଗୌରବ-ସାକ୍ଷିଣୀ—ଯାହା ଉତ୍କଳର ପ୍ରାଚୀନ ଗୌରବର ସାକ୍ଷ୍ୟ ଦେଉଅଛି । କୋଣାର୍କ ମନ୍ଦିର ଭାଙ୍ଗିଯାଇଅଛି; କେବଳ ମୁଖଶାଳାଟି ଅଛି । ତାକୁ ଦେଖିଲେ ଉତ୍କଳର ପ୍ରାଚୀନ ଗୌରବ ଜଣା ପଡ଼େ । ପାନ୍ଥ—ପଥିକ ।

ପ୍ରତିଧ୍ୱନି...ଉତ୍ତର—ନିର୍ଜ୍ଜନ ବାଲୁକା ମଝିରେ ଭଗ୍ନ କୋଣାର୍କ ମନ୍ଦିରର ମୁଖଶାଳାଟି ମାତ୍ର ଠିଆ ହୋଇଅଛି । ସେଠାରେ କିଛି କହିଲେ ପ୍ରତିଧ୍ୱନି ଛଡ଼ା ଆଉ କିଛି ଶୁଣିବାକୁ ମିଳେ ନାହିଁ ।

ମୁଦ୍ରାକର—ଶ୍ରୀ ଜୟୂରାମ ମହାପାତ୍ର, ବି. କମ୍., ଗ୍ରନ୍ଥ ପ୍ରକାଶିନୀ,
କଟକ-୧ : ୧୯୬୨ ।

Digitized by PPRACHIN, SOA